୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.12 Bhubaneswar Wednesday February 14 2024 | ୨୬ତମ ବର୍ଷ ସଂଖ୍ୟା-୧୨ ଭୁବନେଶ୍ୱର, ବୁଧବାର, ଫେବୃଆରୀ ୧୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS



ଯା କୁନ୍ଦେନ୍ଦୁ ତୁଷାରହାର
ଧବଳା ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା
ଯା ଶ୍ୱେତପଦ୍ମାସନା।
ଯା ବ୍ରହ୍ମାଚ୍ୟୁତ ଶଂକର
ପ୍ରଭୃତିଭିର୍ଦେବୈଃ ସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ
ନିଃଶେଷଜାଡ୍ୟାପହା ।

## ମମତା ଯୋଜନା: ୨ ଗୁଣା ହେଲା ସହାୟତା ରାଶି, ଦୁଇଟି କିସ୍ତିରେ ମିଳିବ ଟଙ୍କା

ଭୁବନେଶ୍ୱର,୧୩।୨(ପି.ଏନ): ମମତା ଯୋଜନାରେ ୨ ଗୁଣା ବଢ଼ିଲା ସହାୟତା ରାଶି । ୫ ହଜାରରୁ ୧୦ ହଜାର ଟଙ୍କା ବୃଦ୍ଧି କଲେ ରାଜ୍ୟ ସରକାର । ୨ଟି କିସ୍ତିରେ ୬ ହଜାର ଓ ୪ ହଜାର ଟଙ୍କା ମିଳିବ ବୋଲି ଘୋଷଣା କରାଯାଇଛି । ୪ ମାସର ବକେୟା ରାଶି ହିତାଧିକାରୀଙ୍କୁ ମିଳିବ । ଫେବୃଆରୀ ୨୦ ତାରିଖରୁ ୨୫ ତାରିଖ ମଧ୍ୟରେ ଏହି ସହାୟତା ରାଶି ମିଳିବ ବୋଲି ଘୋଷଣା କରାଯାଇଛି ।ସୂଚନା ଅନୁଯାୟୀ, ଅଗଷ୍ଟ ୨୦୨୩ ରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହା ମିଳିବ ବୋଲି ଘୋଷଣା କରାଯାଇଛି । ମାତୃ ଓ ଶିଶୁମୃତ୍ୟୁ ହ୍ରାସ କରିବାକୁ ମମତା ଯୋଜନା କରାଯାଇଛି । ଗର୍ଭଧାରଣର ୬ ମାସ ପରେ ପ୍ରଥମ କିସ୍ତିରେ ୬ ହଜାର ଟଙ୍କା ମିଳିବ । ଦ୍ୱିତୀୟ କିସ୍ତିରେ ୪ ହଜାର ଟଙ୍କା ଗର୍ଭଧାରଣର ୧୦ ମାସରେ ଦିଆଯିବ । ୧୯ ବର୍ଷରୁ ଅଧିକ ସବୁ ଗର୍ଭବତୀ ମହିଳା ୨ ଜୀବିତ ସନ୍ତାନ ପାଇଁ ସହାୟତା ପାଇବେ ।

## ସରସ୍ୱତୀ ପୂଜା ସାମଗ୍ରୀ କିଣି ବାଇକ୍‌ରେ ଯାଉଥିଲା ବେଳେ ଦୁର୍ଘଟଣା; ୩ ସ୍କୁଲ୍ ଛାତ୍ର ଗୁରୁତର

କାମାକ୍ଷାନଗର,୧୩।୨(ପି.ଏନ): ମହାବିରୋଡ଼ ଥାନା ଜରଡ଼ା ବାଘଡିଆଁ ନାଳ ପାଖରେ ଅଘଟଣ । ୩ ସ୍କୁଲ୍ ଛାତ୍ରଙ୍କୁ ଧକ୍କା ଦେଇ ପଳାଇଲା ଅଜଣା ଗାଡ଼ି । ସରସ୍ୱତୀ ପୂଜା ସାମଗ୍ରୀ କିଣି ବାଇକ୍‌ରେ ଯାଉଥିଲା ବେଳେ ଘଟିଲା ଦୁର୍ଘଟଣା । ୩ ଜଣ ଗୁରୁତର ଅବସ୍ଥାରେ ଛାତ୍ର ମେଡିକାଲ୍‌ରେ ଭର୍ତ୍ତି ହୋଇଛନ୍ତି । ତିନି ଜଣ ଛାତ୍ର ବାମ୍ ସ୍ଥିତ ବନଦୁର୍ଗା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟରେ ପଢ଼ୁଥିଲେ । ଏଠି ପ୍ରଶ୍ନ ହେଉଛି କିଭଳି ପରିସ୍ଥିତିରେ ଏତେ ଛୋଟ ପିଲାଙ୍କୁ ଗାଡ଼ି ଦେଇ ବଜାରକୁ ଛାଡ଼ିଥିଲେ ନା ସ୍କୁଲରେ ପୂଜା ପାଇଁ ଯାଇଥିଲେ ?

## ଛୁଟି ଘୋଷଣା

ପବିତ୍ର ସରସ୍ୱତୀପୂଜା ଉପଲକ୍ଷେ 'ପର୍ଯ୍ୟବେକ୍ଷକ' କାର୍ଯ୍ୟାଳୟ ଫେବୃଆରୀ ୧୪ ତାରିଖ ବନ୍ଦ ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୧୬ ତାରିଖରେ ପ୍ରକାଶ ପାଇବ ।

-ପ୍ରକାଶକ

# କିଏ ହେବେ ତୃତୀୟ ପ୍ରାର୍ଥୀ ? ଆସନ୍ତାକାଲି ଆସୁଛନ୍ତି ଅଶ୍ୱିନୀ ବୈଷ୍ଣବ



ଭୁବନେଶ୍ୱର,୧୩।୨(ପି.ଏନ): ରାଜ୍ୟରେ ଖାଲି ହେଉଥିବା ୩ଟି ରାଜ୍ୟସଭା ଆସନ ପାଇଁ ଆଜି ବିଜେଡିର ୨ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସମସ୍ତ ୩ଟି ଯାକ ଆସନ ଜିତିବା ପାଇଁ ବିଜେଡି ପାଖରେ ବିଧାନସଭାରେ ସଂଖ୍ୟାବଳ ଥିଲେ ମଧ ଦଳ ମାତ୍ର ୨ଜଣ ପ୍ରାର୍ଥୀଙ୍କୁ ମଇଦାନକୁ ଓହ୍ଲାଇଛି ।ତୃତୀୟ ପ୍ରାର୍ଥୀଙ୍କୁ ନେଇ ଏବେବି ସସପେନ୍ସ ଲାଗି ରହିଥିବାବେଳେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଆସନ୍ତାକାଲିଠୁ ଦୁଇଦିନିଆ ଓଡିଶା ଗସ୍ତ ତାଙ୍କର ସମ୍ଭାବ୍ୟ ପ୍ରାର୍ଥିତ୍ୱ ଦାବିଦାର ଚର୍ଚ୍ଚାକୁ ବେଶୀ ବଳ ଯୋଗାଇଛି । ବିଜେଡି ଆଜି ନିଜର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବହୁ ବିଧାୟକଙ୍କ ଉପସ୍ଥିତିରେ ୨ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ କରିଛି । ୨୦୧୯ ମସିହା ଭଳି ଅଶ୍ୱିନୀଙ୍କୁ ପୁଣିଥରେ ବିଜେପି ପ୍ରାର୍ଥୀ କରିପାରେ ଓ ବିଜେଡି ତାଙ୍କୁ ସମର୍ଥନ କରିପାରେ ବୋଲି ଏବେ ଚର୍ଚ୍ଚା ଜୋର ଧରିଛି । ମିଳିଥିବା ସୂଚନା ଅନୁସାରେ, କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆସନ୍ତାକାଲିଠୁ ୨ ଦିନିଆ ଓଡିଶା ଗସ୍ତରେ ଆସୁଛନ୍ତି । ସେ ଆସନ୍ତାକାଲି ଅର୍ଥାତ୍ ଫେବୃୟାରୀ ୧୪ତାରିଖରେ ଦଳୀୟ ମୁଖ୍ୟାଳୟକୁ ଯିବା ସହ ରେଳବାଇ ଓ ବିଏସଏନଏଲ୍ ପ୍ରକଳ୍ପର ସମୀକ୍ଷା କରିବେ । ରାତିରେ ରେଳବାଇ ଗେଷ୍ଟ ହାଉସରେ ରାତ୍ରୀ ଯାପନ ରହିବେ । ୧୫ ତାରିଖ ଗୁରୁବାର ସନ୍ଧ୍ୟା ୬.୪୦ରେ ଭୁବନେଶ୍ୱର ଛାଡିବେ । ତେବେ ସେହି ଦିନ ତାଙ୍କର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ରହିନାହିଁ । କେବଳ ସ୍ଥାନୀୟ କାର୍ଯ୍ୟକ୍ରମ ବୋଲି ଉଲ୍ଲେଖ ରହିଛି । ତେଣୁ ସେ ଗୁରୁବାର ରାଜ୍ୟସଭା ପ୍ରାର୍ଥିପତ୍ର ଦାଖଲ କରିବାର ଥିବା ଚର୍ଚ୍ଚା ହେଉଛି ।

## ୩୦ ଲକ୍ଷ ଲାଞ୍ଚ ନେବା ବେଳେ ଡ୍ରାଇଭରଙ୍କ ସହ ଧରାପଡିଲେ ତହସିଲଦାର



ଭୁବନେଶ୍ୱର,୧୩।୨(ପି.ଏନ): ଲାଞ୍ଚ ନେବା ବେଳେ ଟଙ୍କା ସହ ଧରାପଡିଛନ୍ତି ଜଣେ ତହସିଲଦାର ଓ ତାଙ୍କ ଡ୍ରାଇଭର । ତେଲଙ୍ଗାନାର ମେଡଚାଲ ମାଲକାଜଗିରିରେ ଉଭୟଙ୍କୁ ୩୦ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଦୁର୍ନୀତି ନିରୋଧ ଶାଖା(ଏସିବି)ର ଅଧିକାରୀମାନେ ଧରିଛନ୍ତି ।ଏସିବି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ତହସିଲଦାର ଟି ସତ୍ୟନାରାୟଣ ଓ ତାଙ୍କ ଡ୍ରାଇଭର ପି ବିଦ୍ରୀ ତହସିଲ ଅଫିସରେ ହିଁ ଲାଞ୍ଚ ନେଉଥିଲେ । ଶମିରପେଟ ମଣ୍ଡଳରେ ଥିବା ଅଫିସରେ ଲାଞ୍ଚ କାରବାର ଚାଲିଥିବା ବେଳେ ଉଭୟଙ୍କୁ ଧରା ଯାଇଛି । ଅଭିଯୋଗାରୀ ମୋଭା ରାମାସେଶାଗିରିଙ୍କ ଠାରୁ ସେମାନେ ନଗଦ ୧୦ ଲକ୍ଷ ଟଙ୍କା ଓ ୨୦ ଲକ୍ଷ ଟଙ୍କାର ଚେକ ନେଉଥିଲେ ।

# ନାମାଙ୍କନ ପତ୍ର ଦାଖଲ କଲେ ୨ ବିଜେଡି ରାଜ୍ୟସଭା ପ୍ରାର୍ଥୀ





ଭୁବନେଶ୍ୱର,୧୩।୨(ପି.ଏନ): ବିଜେଡି ରାଜ୍ୟସଭାର ତୃତୀୟ ପ୍ରାର୍ଥୀଙ୍କୁ ନେଇ ସସ୍ପେନ୍ସ ଜାରି ରହିଥିବା ବେଳେ ୨ ଜଣ ବିଜେଡି ରାଜ୍ୟସଭା ପ୍ରାର୍ଥୀ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପୁରୀର ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଆଜି ବିଧାନସଭାର ରିଟର୍ଣ୍ଣିଂମବା ସମୟରେ ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଅର୍ଥ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସ୍ୱାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଜେଡିର ବରିଷ୍ଠ ନେତାମାନେ ଉପସ୍ଥିତ ଥିଲେ । ତେବେ ରାଜ୍ୟସଭାକୁ ଏଥର ୩ ଜଣ ପ୍ରାର୍ଥୀ ଯାଉଥିବା ବେଳେ ମାତ୍ର ୨ ଜଣଙ୍କ ନାଁ ଘୋଷଣା କରିଛି ବିଜେଡି । ଗତକାଲି ରାତିରେ ଦେବାଶିଷ ସାମନ୍ତରାୟ ଓ ଶୁଭାଶିଷ ଖୁଣ୍ଟିଆଙ୍କୁ ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷଣା କରିଥିଲା ବିଜେଡି । ତେବେ ବିଜେଡିର ତୃତୀୟ ପ୍ରାର୍ଥୀ କିଏ ହେବେ ତାକୁ ନେଇ କଳ୍ପନାଜଳ୍ପନା ଲାଗି ରହିଛି ।ସୂଚନା ଥାଉକି, ଆସନ୍ତା ୨୭ତାରିଖରେ ଓଡ଼ିଶା ସମେତ ୧୫ ରାଜ୍ୟର ୫୬ଟି ରାଜ୍ୟସଭା ଆସନ ପାଇଁ ହେବ ନିର୍ବାଚନ । ଏଥିପାଇଁ ପୂର୍ବରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ୧୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଭରିପାରିବେ ପ୍ରାର୍ଥୀ । ୧୬ ଫେବ୍ରୁଆରୀରେ ପ୍ରାର୍ଥୀପତ୍ର ଯାଞ୍ଚ ହେବ । ୨୦ ଫେବ୍ରୁଆରୀ ପ୍ରାର୍ଥୀପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି । ୨୭ ତାରିଖ ଦିନ ୯ଟାରୁ ୪ଟା ଯାଏଁ ଭୋଟ ଗ୍ରହଣ କରାଯିବ । ସେହିଦିନ ଅପରାହ୍ନ ୫ଟାରୁ ଭୋଟ ଗଣତି ଆରମ୍ଭ ହେବ ।

## ଶିଳ୍ପ ଭିତିକ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦକୁ ସଫଳ କର

ଭୁବନେଶ୍ୱର, ୧୩।୨(ପି.ଏନ) : ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖା ସମେତ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସଂଯୁକ୍ତ କୃଷକ ମୁର୍ଚ୍ଚା ଓ ଇଣ୍ଡଷ୍ଟ୍ରିଆଲ ଫେଡ଼େରେସନ ମିଳିତ ମଞ୍ଚ ତରଫରୁ ଫେବୃଆରୀ ୧୬ ତାରିଖରେ ଶିଳ୍ପଭିତ୍ତିକ ଧର୍ମଘଟ ଓ ଗ୍ରାମୀଣ ଭାରତ ବନ୍ଦ ପାଇଁ ଆହ୍ୱାନ ଦିଆଯାଇଛି । କେନ୍ଦ୍ର ସରକାରଙ୍କ କର୍ପୋରେଟ୍ ସାମ୍ପ୍ରଦାୟିକ ମେଣ୍ଟର ବିନାଶକାରୀ ଓ ବିଭାଜନକାରୀ ଏକଛତ୍ରବାଦୀ ନିତିକୁ ପ୍ରତିରୋଧ କରିବା ସହିତ ନିର୍ଣ୍ଣାୟକ ଫଳପ୍ରଦ ପରାସ୍ତ କରାଯାଇପାରିବ । ୪୪ଟି ଆଇନ ପରିବର୍ତ୍ତେ ୪ ଟି ଲେବରକୋର୍ଡ଼ ବାତିଲ କରିବା, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ପୁରୁଣା ପେନସନ୍ ପୁନଃଉର୍ଦ୍ଧାର କରିବା, ସରକାରୀ ଉଦ୍ୟୋଗକୁ ଘରୋଇକରଣ ନ କରିବା, ଇ.ପି.ଏଫ. ପ୍ରୋଭିଡେଣ୍ଟ ଫଣ୍ଡର ସର୍ବନିମ୍ନ ପେନସନ୍ ୯୦୦୦ ଟଙ୍କା ବୃଦ୍ଧି କରିବା, ସର୍ବନିମ୍ନ ମଜୁରୀ ଦେଶରେ ୨୬ ହଜାର ଟଙ୍କା କରିବା, ସମସ୍ତ ଠିକା ଶ୍ରମିକମାନଙ୍କୁ ସ୍ଥାୟୀ ଚାକିରୀ କରିବା । କେନ୍ଦ୍ର ଓ ରାଜ୍ୟ ସରକାର ସମସ୍ତ କେନ୍ଦ୍ର ସରକାରୀ ଉଦ୍ୟୋଗ ବ୍ୟାଙ୍କ, ରେଲୱେ ଖାଲିଥିବା ପଦବୀଗୁଡ଼ିକ ପୂରଣ କରିବା, ଅଙ୍ଗନୱାଡ଼ି, ପାଚୀକା, ସ୍ୱାସ୍ଥ୍ୟକର୍ମୀ ଓ ସବୁ ସ୍କିମ୍ ୱାର୍କରଙ୍କୁ ମୁଜରୀ ଦେବା ଓ ତାଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଓ ପ୍ରୋଭିଡଣ୍ଟ ଫଣ୍ଡ ଲାଗୁ କରିବା ଓ ଚାଷୀମାନଙ୍କ ସବୁ ପୁରଣ ଦାବୀ ଓ କୃଷି କ୍ଷେତ୍ରରେ ସହାୟକ ଆଇନ ପ୍ରଣୟନ କରିବା, ମୃତ୍ୟୁ କୃଷକମାନଙ୍କର ପରିବାରକୁ କ୍ଷତି ପୂରଣ ଏବଂ ଚାକିରୀ ଦେବା ପ୍ରଭୁତି ୧୪ ଟି ଦାବୀ ଏହି ଧର୍ମଘଟର ଆହ୍ୱାନ ଦିଆଯାଇଛି । ଦେଶରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଅହେତୁକ ବୃଦ୍ଧି, ବିଦେଶରେ କଂଚାଦେଲ ଦର ବୃଦ୍ଧି ନ ହେଲେ ମଧ କେନ୍ଦ୍ର ସରକାର ପେଟ୍ରୋଲ, ଡିଜେଲ ଓ ଗ୍ୟାସକୁ ଜି.ଏସ୍.ଟି.ରେ ଅନ୍ତର୍ଭୁକ୍ତ ନ କରି କେନ୍ଦ୍ର ସରକାର ଅଧିକ ଏକ୍ସାଇଜ ଡ୍ୟୁଟି ଓ ରାଜ୍ୟ ସରକାର ଭ୍ୟାଟ ଡ୍ୟୁଟି ନାମରେ ଅଧିକ ଟଙ୍କା ନେଉଥିବାରୁ ବାରମ୍ବାର ପେଟ୍ରୋଲ, ଡିଜେଲ ଓ ଗ୍ୟାସର ଦର ବଢ଼ୁଛି । ଏହାକୁ ଜି.ଏସ୍.ଟି.ରେ ଅନ୍ତଭୁକ୍ତ କରି ଜି.ଏସ୍.ଟି.ର ସର୍ବୋଚ୍ଚ ପରିମାଣ ୨୮ ପ୍ରତିଶତ ପେଟ୍ରୋଲ, ଡିଜେଲ ଓ ଗ୍ୟାସ ଦର ଅଧିକ ବୃଦ୍ଧି ହେବ ନାହିଁ । ଏଣୁ ପେଟ୍ରୋଲ ଡିଜଲ ଓ ନିତ୍ୟ ବ୍ୟବହାର୍ଯ୍ୟ ଦରଦାମ କମାଇବା ଓ ସମସ୍ତଙ୍କୁ ରୋଜଗାର ଦେବା ଦାବୀ ଏହି ଦାବୀ ପତ୍ରରେ ଅନ୍ତର୍ଭୁକ୍ତ କରାଯାଇଛି । ଏଣୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ଶାଖାର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ସଭାପତି, ଯୁବ ଆଇ. ଆଇ.ଏନ୍.ଟି.ୟୁ.ସି., ମହିଳା ଆଇ.ଏନ୍.ଟି.ୟୁ.ସି ସମେତ ସମସ୍ତ ଟ୍ରେଡ଼ ୟୁନିଅନ, ଶ୍ରମିକ କର୍ମଚାରୀ, ଯୁବକ, ଛାତ୍ର, ଚାଷୀ, କୃଷି ଶ୍ରମିକ ଏହି ଆନ୍ଦୋଳନରେ ଯୋଗଦେଇ ଆନ୍ଦୋଳନକୁ ସଫଳ କରିବା ପାଇଁ ଅନୁରୋଧ କରୁଛି ।

# ଜୟା ପ୍ରଦାଙ୍କୁ ଗିରଫ କରିବା ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୩।୨(ପି.ଏନ): ଭେଟରାନ ଅଭିନେତ୍ରୀ ତଥା ରାଜନେତା ଜୟା ପ୍ରଦାଙ୍କୁ ଗିରଫ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଉତ୍ତର ପ୍ରଦେଶର ରାମପୁର ସ୍ଥିତ ଏମପି/ଏମଏଲଏ କୋର୍ଟ ସ୍ଥାନୀୟ ଏସ୍ ?ପିଙ୍କୁ ତୁରନ୍ତ ଗୋଟିଏ ସ୍ୱତନ୍ତ୍ର ଟିମ ଗଠନ କରି ଜୟା ପ୍ରଦାଙ୍କୁ ଗିରଫ କରିବାକୁ କହିଛନ୍ତି । ଗିରଫ କରି ପୂର୍ବତନ ସାଂସଦ ଜୟା ପ୍ରଦାଙ୍କୁ କୋର୍ଟରେ ହାଜର କରିବାକୁ କୋର୍ଟ ଏସ୍ ?ପିକୁ ନିର୍ଦ୍ଦେଶ ଦେଇଛନ୍ତି ।ବରିଷ୍ଠ ସରକାରୀ ଓକିଲ ଅମରନାଥ ତିୱାରୀ କହିଛନ୍ତି ଯେ ଜୟା ପ୍ରଦାଙ୍କ ନାଁର ୭ଥର ଜାମିନ ବିହୀନ ଗିରଫ ପରୱାନ ଜାରି କରାଯାଇଥିଲା ।



## କେନ୍ଦ୍ରର ଯୋଜନାକୁ ନକଲ କରି ବିଜେଡି ସରକାର ସ୍ୱୟଂ ଯୋଜନା ଘୋଷଣା କରିଛି: ବିଜେପି

ଭୁବନେଶ୍ୱର,୧୩।୨(ପି.ଏନ): ବେକାର ଯୁବକ ଯୁବତୀଙ୍କୁ ବିନା ସୁଧରେ ଋଣ ଦେବା ପାଇଁ ନୂଆ ଯୋଜନା ଆରମ୍ଭ କରିଥିବାରୁ ଓଡ଼ିଶା ସରକାରଙ୍କୁ ସମାଲୋଚନା କରି ଭାରତୀୟ ଜନତା ପାର୍ଟି (ବିଜେପି) ଏହାକୁ କେନ୍ଦ୍ରୀୟ ଯୋଜନାର ନକଲ ଏବଂ ନିର୍ବାଚନୀ କୌଶଳ ବୋଲି କହିଛି ।ଓଡ଼ିଶା ବିଜେପିର ମୁଖପାତ୍ର ଅନୀଲ ବିଶ୍ୱାଳ କହିଛନ୍ତି ଯେ ସୋମବାର ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରାଯାଇଥିବା ସ୍ୱାଧୀନ ଯୁବ ଉଦ୍‌ଯୋଗ (ସ୍ୱୟଂ) ଯୋଜନା କେନ୍ଦ୍ରର କ୍ରେଡିଟ୍ ଗ୍ୟାରେଣ୍ଟି ଫଣ୍ଡ ଟ୍ରଷ୍ଟ ଫର ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜ୍ (ସିଜିଟିଏମଏସଇ) ଯୋଜନାର ରିମେକ୍ ବ୍ୟତୀତ ଆଉ କିଛି ନୁହେଁ ।

# ନିଲାମ ହେବ ଅର୍ଚ୍ଚନାଙ୍କ ଗାଡି, କୋର୍ଟରେ ଇଡି କଲା ଆବେଦନ

ଭୁବନେଶ୍ୱର,୧୩।୨(ପି.ଏନ): ହନି ଟ୍ରାପ ମାମଲାରେ ଜଡିତ ଅର୍ଚ୍ଚନା ନାଗଙ୍କ ୨ଟି ଗାଡି ନିଲାମ ହେବ । ୨ଟି ଗାଡିର ଖରିଦ୍ଦି ମୂଲ୍ୟ ୫୬ ଲକ୍ଷ ଟଙ୍କା ଦର୍ଶାଯାଇଥିବା ସୂଚନା । ଗାଡି ନିଲାମ ପାଇଁ କୋର୍ଟରେ ଇଡି କଲା ଆବେଦନ । ଅର୍ଚ୍ଚନାଙ୍କ ଏହି ଗାଡି ୨ଟି ହେଉଛି ଥାର୍ ଓ ଏଣ୍ଡେଭର । ମନି ଲଣ୍ଡରିଂ ନେଇ ଚଢ଼଼ଉ ବେଳେ ୨ଟି ଗାଡି ଜବତ କରିଥଇଲା ଇଡି ।ଏଠାରେ ସୂଚାଇ ଦିଆଯାଇପାରେ କି ବ୍ଲାକମେଲିଂ ଓ ହନିଟ୍ରାପ ମାମଲାରେ ୧୪ ମାସ ଜେଲ୍ ?ରେ ଥିବା ଅର୍ଚ୍ଚନା ହାଇକୋର୍ଟରୁ ଜାମିନ ମିଳିବା ପରେ ଜେଲ୍ ?ରୁ ବାହାରିଥିଲେ । ୨ ଲକ୍ଷ ଟଙ୍କା ଓ ୨ ଜଣ ଜାମିନଦାର ବଦଳରେ ହାଇକୋର୍ଟରୁ ଅର୍ଚ୍ଚନାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା । ବଡବଡିଆଙ୍କୁ ବ୍ଲାକମେଲ୍ ଓ ହନିଟ୍ରାପ କରି ସେ ତିଆରି କରିଥିଲେ କଳା ସାମ୍ରାଜ୍ୟ । ଏହା ପୂର୍ବରୁ ଅର୍ଚ୍ଚନା ନାଗଙ୍କର ଦାମୀ ଗାଡି ଓ ଆଲିସାନ ଘରକୁ ସିଜ୍ କରିଥିଲା ଇଡି ।

## ସରସ୍ୱତୀ ପୂଜାକୁ ଭିଜାଇବ ଅଦିନିଆ ବର୍ଷା, କୁହୁଡି ପାଇଁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୩।୪)ପି.ଏନ) : ଆସନ୍ତାକାଲି ବସନ୍ତ ପଞ୍ଚମୀ ଅର୍ଥାତ ସରସ୍ୱତୀ ପୂଜା । ଆସନ୍ତାକାଲି ରାଜ୍ୟର କିଛି ଜିଲ୍ଲା ଅଦିନିଆ ବର୍ଷାରେ ଭିଜି ପାରେ । କିଛି ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସହ ବିଜୁଳି ମାରିବାର ଆଶଙ୍କା ଥିବା ଆଜି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି ।ସେହିପରି ଘନ କୁହୁଡି ପଡିବାର ଆଶଙ୍କା ଥିବାରୁ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ରାଜ୍ୟର ଅନେକ ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ କୁହୁଡି ଅନୁଭୂତ ହେବ ବୋଲି ବିଭାଗ ଆକଳନ କରିଛି ।

# ନିର୍ବାଚନ ପୂର୍ବରୁ ଘରୋଇ ବିଦ୍ୟୁତ ଦର ୟୁନିଟ୍ ପିଛା ୧୦ ପଇସା ହ୍ରାସ



ଭୁବନେଶ୍ୱର,୧୩।୨(ପି.ଏନ): ରାଜ୍ୟରେ ବିଦ୍ୟୁତ ଉତ୍ପାଦନ ହେଉଥିଲେ ମଧ ଏଠିକାର ବିଦ୍ୟୁତ ଟାରିଫକୁ ନେଇ ବିଭିନ୍ନ ଆପତ୍ତି ଉଠୁଥିଲା । ଆଉ ଆଗକୁ ନିର୍ବାଚନ ଆସୁଥିବା ବେଳେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ପ୍ରତ୍ୟେକ ସ୍ଲାବରେ ୟୁନିଟ୍ ପିଛା ୧୦ ପଇସା ହ୍ରାସ କରି ଘରୋଇ ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆଶ୍ୱସ୍ତି ଘୋଷଣା କରିଛି । ନୂଆ ଶୁଳ୍କ ୨୦୨୪ ଏପ୍ରିଲ ପହିଲାରୁ ଲାଗୁ ହେବ ।ଶକ୍ତି କ୍ଷେତ୍ରର ଉନ୍ନତ ପ୍ରଦର୍ଶନ ଏବଂ ବିଦ୍ୟୁତ୍ କ୍ରୟ ଖର୍ଚ୍ଚ ହ୍ରାସ ଯୋଗୁଁ ଶୁଳ୍କ ହ୍ରାସ ସମ୍ଭବ ହୋଇପାରିଛି ବୋଲି ଓଇଆରସି କହିଛି । ଆୟୋଗ ଏହା ମଧ କହିଛନ୍ତି ଯେ ଅର୍ଥନୀତି ଉପରେ କୋଭିଡ୍-୧୯ ମହାମାରୀର ପ୍ରଭାବକୁ ଦୃଷ୍ଟିରେ ରଖି ଅନ୍ୟ କୌଣସି ବର୍ଗର ଉପଭୋକ୍ତାଙ୍କ ପାଇଁ ଶୁଳ୍କ ସଂଶୋଧନ କରାଯାଇନାହିଁ ।ଡିଜିଟାଲ ପେମେଣ୍ଟ, ଗ୍ରୀନ୍ ଏନର୍ଜି, ଇଲେକ୍ଟ୍ରିକ୍ ଯାନ ଏବଂ ସ୍ମାର୍ଟ ମିଟରିଂକୁ ପ୍ରୋତ୍ସାହିତ କରିବା ପାଇଁ ଆୟୋଗ ଗ୍ରାହକଙ୍କ ପାଇଁ ଅନେକ ପ୍ରୋତ୍ସାହନ ଏବଂ ରିହାତି ମଧ ଆରମ୍ଭ କରିଛନ୍ତି ।ନୂଆ ଶୁଳ୍କ ଅର୍ଡରର କିଛି ପ୍ରମୁଖ ବୈଶିଷ୍ଟ୍ୟ ଗୁଡିକ ହେଲା:ଦାରିଦ୍ର୍ୟ ସୀମାରେଖା ତଳେ ଥିବା (ବିପିଏଲ୍) ଉପଭୋକ୍ତାଙ୍କ ପାଇଁ ଧାର୍ଯ୍ୟ ମାସିକ ଶୁଳ୍କ ୮୦ ଟଙ୍କାରୁ ୭୦ ଟଙ୍କାକୁ ହ୍ରାସ କରାଯାଇଛି ।ଯେଉଁ ଉପଭୋକ୍ତାମାନେ ଇ-ବିଲ୍ ଚୟନ କରିବେ ସେମାନଙ୍କୁ ବିଲ୍ ପିଛା ୧୦ ଟଙ୍କା ରିହାତି ମିଳିବ ।

## ଚାଷୀଙ୍କ ଆନ୍ଦୋଳନ: ଆଲୋଚନା ପାଇଁ ଡାକିଲେ ସରକାର



ଭୁବନେଶ୍ୱର,୧୩।୨(ପି.ଏନ): ବିଭିନ୍ନ ଦାବି ନେଇ ପଞ୍ଜାବ ଓ ହରିଆଣାର ଚାଷୀମାନେ ଦିଲ୍ଲୀ ଚାଲୋ ଆନ୍ଦୋଳନ ଆରମ୍ଭ କରିଛନ୍ତି । ସେମାନଙ୍କୁ ଅଟକାଇବା ପାଇଁ ସରକାରୀ ସ୍ତରରେ ସବୁ ପ୍ରକାରର ବ୍ୟବସ୍ଥା ହୋଇଛି ।ସୀମାନ୍ତ ଅଞ୍ଚଳରେ ଚାଷୀଙ୍କୁ ରୋକିବା ପାଇଁ ବଡବଡ ବ୍ୟାରିକେଡ ସବୁ ଲଗାଯାଇଛି । ତଥାପି ଶତାଧିକ ଚାଷୀ ଦିଲ୍ଲୀ ଚାଲୋ ନାରା ଦେଇ ଆଗକୁ ବଢ଼ିବାରେ ଲାଗିଛନ୍ତି । ଏହାକୁ ନେଇ ହରିଆଣାର ଶମ୍ଭୁ ସୀମାରେ ଧସ୍ତାଧସ୍ତି ପରିସ୍ଥିତି ମଧ ଦେଖିବାକୁ ମିଳିଛି ।







## ଟି ଟାଇମ୍

## ମୋକ୍ଷ ପାଇଁ ଦ୍ୱିତୀୟ ଥର ଅନ୍ତିମ ସଂସ୍କାର

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତାଙ୍କ ମୃତ୍ୟୁପରେ ଏବେ ତାଙ୍କ ପରିବାର ଲୋକେ ଧିରେଧିରେ ଆଗକୁ ଆସୁଛନ୍ତି। ଜୟଲଳିତାଙ୍କୁ କବର ଦିଆଯାଇଥିବାର ବିରୋଧ କରି ସେମାନେ ମୋକ୍ଷ ନିମନ୍ତେ ଦ୍ୱିତୀୟ ଥର ପାଇଁ ଅନ୍ତିମ ସଂସ୍କାର କାର୍ଯ୍ୟ କରାଇଛନ୍ତି। ମଙ୍ଗଳବାର ଦିନ ସମ୍ପୂର୍ଣ୍ଣ ହିନ୍ଦୁ ରୀତିନୀତି ଅନୁସାରେ ମୋକ୍ଷ ପ୍ରାପ୍ତି ପାଇଁ ଶ୍ରୀରଙ୍ଗପଟ୍ଟନମର କାବେରୀ ନଦୀ କୂଳରେ ଦାହ ସଂସ୍କାର କରାଯାଇଥିଲା। ମୁଖ୍ୟ ପୂଜାରୀ ରଙ୍ଗନାଥ ଲଙ୍ଗର ଏହି କାର୍ଯ୍ୟ ସମ୍ପର୍ଣ୍ଣ କରିଥିଲେ। ଦାହ ସଂସ୍କାରରେ ଜୟଲଳିତାଙ୍କ ଶବ ସ୍ଥାନରେ ଏକ କଣ୍ଢେଇକୁ ତାଙ୍କ ପ୍ରତିକୃତି ଭାବେ ଗ୍ରହଣ କରି ଦାହ କରାଯାଇଥିଲା। ଆସନ୍ତା ୫ଦିନ ପର୍ଯ୍ୟନ୍ତ ବାକି ଅନ୍ୟ ରୀତିନୀତି କରାଯିବ ବୋଲି କୁହାଯାଉଛି। ଏ ସମ୍ପର୍କରେ ଜୟଲଳିତାଙ୍କ ସମ୍ପର୍କୀୟ ଭାଇ ବରଦରାଜୁ କହିଛନ୍ତି ଯେ ଦଳ ପକ୍ଷରୁ ଯେଉଁଳି ଭାବେ ତାଙ୍କର ଶେଷ କୃତ୍ୟ କରାଗଲା ତାହା ଆଦୌ ଗ୍ରହଣୀୟ ନୁହେଁ। କ'ଣ ପାଇଁ ତାଙ୍କୁ ପୋତାଗଲା ଏବଂ କ'ଣ ପାଇଁ ଶେଷ କୃତ୍ୟ ସମୟରେ ପରିବାର ଲୋକଙ୍କୁ ଦୂରେଇ ରଖାଗଲା ତାହାର କାରଣ ଦଳ ସାର୍ବଜନୀନ କରିବା ଦରକାର। ଆମେ ପରିବାର ଲୋକେ ଏହାକୁ ବିରୋଧ କରି ଏଭଳି ଶେଷ କୃତ୍ୟ ସମ୍ପର୍ଣ୍ଣ କରିବାର ନିଷ୍ପତ୍ତି ନେଇଛୁ।

## ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର



ଏଜେନ୍ସୀ : ନ୍ୟୁୟର୍କ ଆମେରିକାରେ ତିଆରି ହୋଇଛି ବିଶ୍ୱର ସବୁଠାରୁ ମହଙ୍ଗା ସୁଇଟର। ଖ୍ରୀଷ୍ଟମାସ ପାଇଁ ବିଶେଷ ଭାବେ ଏହାକୁ ତିଆରି କରାଯାଇଥିଲା ବେଳେ ଏଥିରେ ଲଗାଯାଇଛି ଦାମି ହୀରା। ଏକ ଅନ୍‌ଲାଇନ୍ ଷ୍ଟୋରରେ ବିକ୍ରି ପାଇଁ ଉପଲବ୍ଧ ହେଉଥିବା ଏହି ସୁଇଟରର ମୂଲ୍ୟ ହେଉଛି ୨୦ଲକ୍ଷ ଟଙ୍କା। ଏହାକୁ ବିଶ୍ୱର ସବୁଠାରୁ ଦାମି ସୁଇଟରର ମାନ୍ୟତା ପ୍ରଦାନ କରାଯାଇଛି। ଏହି ଖ୍ରୀଷ୍ଟମାସ ସୁଇଟରରେ ସାନ୍ତାକ୍ଲଜର ଫଟୋ ଥିଲାବେଳେ ଲାଗିଛି ୨୪ହଜାରରୁ ଅଧିକ ହୀରା। ସୁଇଟର ତିଆରି କରୁଥିବା କମ୍ପାନୀ ଟିପ୍ସି ଏଲ୍‌ବେକ୍ସ ପକ୍ଷରୁ କୁହାଯାଇଛି ଯେ କ୍ରିଷ୍ଟାଲ ଓ ହୀରାରେ ପ୍ରସ୍ତୁତ ହୋଇଥିବା ଏହି ସୁଇଟରକୁ ତିଆରି ପାଇଁ ଲାଗିଥିଲା ୫୨ଘଣ୍ଟା।

## ପୁରାଣ କାହାଣୀ

# ମନ୍ଥରାଙ୍କ କୁମନ୍ତ୍ରଣା



ରାମଙ୍କ ଶିବଧନୁ ଭଙ୍ଗୁ କଲାପରେ ସତାଙ୍କୁ ଓ ଲକ୍ଷ୍ମଣ ଉର୍ମିଳାଙ୍କୁ ବିବାହ କରିବା ପରେ ଭାରତ ମାଣ୍ଡବୀଙ୍କୁ ଏବଂ ଶତୃଘ୍ନ ଶୃତକୀରଟିଙ୍କୁ ବିବାହ କଲେ। ଏହିପରି ଭାବରେ ରାଜା ଜନକଙ୍କ ପୁତ୍ରୀ ଓ ରାଜା ଦଶରଥଙ୍କ ପୁତ୍ରମାନେ ବିବାହ ମହା ଆଡମ୍ବରରେ ସମାହିତ ହେବା ପରେ ସମସ୍ତେ ବିଦାୟ ନେଇ ଫେରିବା ବାଟରେ ପ୍ରଭୁ ପର୍ଶୁରାମ ରାମଙ୍କ ବାଟ ଓଗାଳିଥିଲା ପରେ ରାମ ନିଜେ ପରମବ୍ରହ୍ମଙ୍କ ଅବତାର ଜାଣି କ୍ଷମା ପାର୍ଥନା କରିଥିଲେ ଓ ବାଟ ଛାଡି ଦେଇଥିଲେ। 1ରମ ସିତାଙ୍କର ବିବାହର କିଛି କାଳ ପରେ ବୃଦ୍ଧ ଦଶରଥ ରାମଙ୍କ ହାତରେ ରାଜ୍ୟଭାର ସମର୍ପି ଦେବାକୁ ଇଚ୍ଛା ପ୍ରକଟ କଲେ। ଏ ଖବର ଜାଣି କୋଶଳର ପ୍ରଜା ତଥା ରାଜାଙ୍କ ପାରିଷଦ ବୃନ୍ଦ ଅତ୍ୟନ୍ତ ଆନନ୍ଦିତ ହେଲେ। ହେଲେ ଏକଥା ଶୁଣି କୈକେୟୀଙ୍କ ଦାସୀ ମନ୍ଥରା କୈକେୟୀଙ୍କୁ କୁମନ୍ତ୍ରଣା ଦେବାକୁ ଆରମ୍ଭ କଲେ। ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ମର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ।

## ଆନ୍ଧ୍ରନାଟ୍ୟମର କଳାକ୍ରିଷ୍ଣା



ଆନ୍ଧ୍ର ନାଟ୍ୟମର ଆଗଧାଡିର କଳାକାର ହେଉଛନ୍ତି କଳାକ୍ରିଷ୍ଣା। ସେ ପୁରୁଷ ହୋଇଥିଲେ ମଧ୍ୟ ମହିଳାଙ୍କ ବେଶରେ ମଞ୍ଚରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରି ଦିଅନ୍ତି। ଦର୍ଶକ ମଧ୍ୟ ଏହି କଳାକାରଙ୍କ ନୃତ୍ୟରେ ଆନନ୍ଦ ପାଆନ୍ତି। ସେ ଯେତେବେଳେ ମଞ୍ଚକୁ ଆସନ୍ତି ଦର୍ଶକ ତାଙ୍କୁ କରତାଳିରେ ସ୍ୱାଗତ କରନ୍ତି। ନୃତ୍ୟ ଶେଷରେ ମଧ୍ୟ ଦର୍ଶକମାନେ କରତାଳି ବର୍ଷାରେ ତାଙ୍କୁ ବିଦାୟ ଦିଅନ୍ତି। ଆନ୍ଧ୍ରନାଟ୍ୟମ ଆନ୍ଧ୍ରପେଦଶର ଏକ ମନ୍ଦିରରୁ ଆସିଛି। ଏହି ନୃତ୍ୟ ସ୍ଥାନୀ କଳା ଓ ସଂସ୍କୃତିର ଝଲକ ଦେଖିବାକୁ ମିଳେ। କଳାକ୍ରିଷ୍ଣା ମଧ୍ୟ ସ୍ଥାନୀ କଳା, ସଂସ୍କୃତି ଓ ଐତିହ୍ୟକୁ ତାଙ୍କ ନୃତ୍ୟ ମାଧ୍ୟମରେ ନିଖୁଣ ଭାବେ ପ୍ରାର୍ଧାନ କରି ଦେଶ ବିଦେଶରେ ସୁନାମ ଅର୍ଜନ କରିଛନ୍ତି। ସେ ପୁରାଣ ଯୁଗୀ ସତ୍ୟଭାମାଙ୍କ ଚରିତ୍ରକୁ ଦର୍ଶକଙ୍କ ପାଖରେ ପ୍ରଦର୍ଶନ କରିଥାଆନ୍ତି। କୃଷ୍ଣ ଏବଂ ସତ୍ୟଭାମାଙ୍କ ଭିତରେ ଗଢ଼ି ଉଠିଥିବା ସମ୍ପର୍କକୁ ସେ ନୃତ୍ୟ ମାଧ୍ୟମରେ ଭଲଭାବେ ପ୍ରଦର୍ଶନ କରୁଥିବାରୁ ତ ଆନ୍ଧ୍ର ନାଟ୍ରମରେ ତାଙ୍କର ଏକ ସ୍ୱତନ୍ତ୍ରତା ରହିଛି। ପୁଷ୍ପାଞ୍ଜଳୀରୁ କାର୍ଯ୍ୟକ୍ରମରୁ କଳାକ୍ରିଶଣା ନୃତ୍ୟ ଆରମ୍ଭ କରନ୍ତି। ଏହି ପରମ୍ପରା ପ୍ରଥମେ ଦେବଦାସୀ କରୁଥିଲେ ଭଗବାନ କୃଷ୍ଣଙ୍କ ପାଖରେ। ଦେବଦାସୀଙ୍କ ପଦାଙ୍କ ଅନୁସରଣ କରି କଳାକ୍ରିଷ୍ଣା ଏଭଳି ପ୍ରଦର୍ଶନ କରୁଥିବା ଜଣାପଡିଛି। ବିଶେଷ କରି ଜଣେ ପୁରୁଷ ହୋଇ ନାରୀ ବେଶରେ ନୃତ୍ୟ କରୁଥିବାରୁ ତାଙ୍କର ସ୍ୱତନ୍ତ୍ର କହିଲେ ନସରେ। ତାଙ୍କ ୬୦ ବର୍ଷ ଛୁଇଁଥିଲେ ବି ନୃତ୍ୟ ପ୍ରଦର୍ଶନରେ ସେ କେବେ କ୍ଲାନ୍ତ ଅନୁଭବ କରି ନାହାନ୍ତି।

## ଦୁଦୁରା ଫୁଲର ଔଷଧୀୟ ଗୁଣ

ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି। ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ। ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି। ଏହାର ବୀଜକୁ ଔଷଧ ରୂପେ ରଖାଯାଏ। ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ। ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବିନ୍ଧି ଦୂର ହୋଇଯାଇ ଥାଏ। ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ। ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ। ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ମୋବାଇଲ ଗେମ ଶରୀର ପାଇଁ କ୍ଷତିକାରକ


ସ୍ମାର୍ଟ୍ ଫୋନ୍‌ରେ ବିଭିନ୍ନ ପ୍ରକାର ଗେମ୍ ଖେଳୁଥିବା ବ୍ୟକ୍ତି ଏବେ ସାବଧାନ ହୋଇଯାନ୍ତୁ। ଅଧିକାଂଶ ସମୟ ଦେଖିବାକୁ ମିଳେ ଯୁବପିଢ଼ି କ୍ୟାଣ୍ଡିକ୍ରସ୍ ଗେମ୍ ଖେଳିବାରେ ନିଜକୁ ଘଣ୍ଟା ଘଣ୍ଟା ଧରି ବ୍ୟସ୍ତ ରଖିଥାନ୍ତି। ଏପରିକି କେଉଁଠିକୁ ଯାତ୍ରା କରୁଥିବା ସମୟରେ, ସେ ଟ୍ରେନ୍ ହେଉ କିମ୍ବା ବସ୍ କ୍ୟାଣ୍ଡିକ୍ରସ୍‌ରେ ବ୍ୟସ୍ତ ରହିଥିବା ଲୋକମାନଙ୍କୁ ଦେଖିବାକୁ ମିଳେ। କିନ୍ତୁ କ'ଣ କେବେ ଭାବିଛନ୍ତି ଆପଣଙ୍କ ଏହି ଗେମ୍ ଖେଳିବାର ଅଭ୍ୟାସଟି ଆପଣଙ୍କ ପାଇଁ କ୍ଷତିକାରକ ସାବ୍ୟସ୍ତ ହେବ ? ନିକଟରେ ଆମେରିକାର କାଲିଫର୍ଣ୍ଣିଆରେ ଜଣେ ୨୯ବର୍ଷୀୟ ବ୍ୟକ୍ତି କ୍ୟାଣ୍ଡିକ୍ରସ ଖେଳିବାରେ ଏତେ ଅଭ୍ୟସ୍ତ ଥିଲେ ଯେ, ଘଣ୍ଟା ଘଣ୍ଟା ସମୟ କିପରି ଚାଲିଯାଉଥିଲା ସେ ଜାଣିପାରୁନଥିଲେ। ଅନେକ ସମୟ ଖେଳିବା ଦ୍ୱାରା ତାଙ୍କ ଆଙ୍ଗୁଠିରେ ରହିଥିବା ଟିସୁଟି ଫାଟିଯାଇଥିଲା। ଡାକ୍ତରଙ୍କ କହିବା ଅନୁସାରେ ବର୍ତ୍ତମାନ ଆଙ୍ଗୁଠିର ଅସ୍ତ୍ରୋପ୍ରଚର କରାଯିବ। ଅତ୍ୟଧିକ ଗେମ୍ ଖେଳିବା ଫଳରେ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ। ଯଦି ଗେମ୍ ଖେଳିବାର ଅଧିକ ସଉକ ଅଛି ତେବେ ପ୍ରତିଦିନ ଅଧ ଘଣ୍ଟାର ସମୟ କେବଳ ମୋବାଇଲ ଗେମ୍‌କୁ ଦିଅନ୍ତୁ। ଯେପରି ଏହାର କୌଣସି ଖରାପ ପ୍ରଭାବ ଆପଣଙ୍କ ଶରୀର ଉପରେ ନପଡ଼େ।




ବଲିଉଡରେ ଯେତେସବୁ ଅଭିନେତା ରହିଛନ୍ତି ସେମାନଙ୍କ ମଧ୍ୟରୁ ସବୁଠାରୁ ସେକ୍ସି ପୁରୁଷ ହେଉଛନ୍ତି ହ୍ରିତିକ ରୋଶନ। ଏକଥା ଆମେ କହୁଁ ନାହୁଁ ଇଂଲଣ୍ଡର ଏକ ମାଗାଜିନ୍ ପକ୍ଷରୁ ହୋଇଥିବା ସର୍ଭେର ରିପୋର୍ଟ କହୁଛି। ଇଂଲଣ୍ଡର ଏହି ପ୍ରମୁଖ ମାଗାଜିନ୍ ପକ୍ଷରୁ ପ୍ରତିବର୍ଷ ପୂରା ଏସିଆ ମହାଦେଶର ସେକ୍ସିଏଷ୍ଟ ପୁରୁଷଙ୍କର ତାଲିକା ପ୍ରକାଶ କରାଯାଇଥାଏ। ଚଳିତବର୍ଷର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି ହ୍ରିତିକ। କିନ୍ତୁ ବଲିଉଡର ସମସ୍ତ ହିରୋଙ୍କୁ ପଛରେ ପକାଇ ଦେଇଛନ୍ତି। ପ୍ରଥମ ସ୍ଥାନରେ ରହିଛନ୍ତି ହଲିଉଡ ସିଙ୍ଗର ଜେନ ମଲ୍ଲିକ। ଏହି ତାଲିକାରେ ପାକିସ୍ତାନୀ ଅଭିନେତା ଫୱାଦ ତୃତୀୟ ସ୍ଥାନରେ ରହିଥିବା ବେଳେ ସଲମାନ ୫ମ, ଶାହିଦ ୭ମ ଏବଂ ରଣବୀର ସିଂହ ୧୦ମ ସ୍ଥାନରେ ରହିଛନ୍ତି। ଫିଲ୍ମ ଜଗତରେ ପ୍ରବେଶ ପରଠାରୁ ହିଁ ହ୍ରିତିକ ହଟ୍ ସେଲିବ୍ରିଟି ମାନଙ୍କ ମଧ୍ୟରେ ସାମିଲ ହୋଇଥିଲେ। କିଛିଦିନ ପୂର୍ବରୁ ସବୁଠାରୁ ହ୍ୟାଣ୍ଡସମ୍ ପୁରୁଷ ତାଲିକାରେ ମଧ୍ୟ ତୃତୀୟ ସ୍ଥାନରେ ରହିଥିଲେ ସେ। ସର୍ବଦା ନିଜର ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକଙ୍କ ପ୍ରଶଂସାର ପାତ୍ର ହୋଇଥିନ୍ତି ହ୍ରିତିକ।

## 'କଫି'ର ଚିତ୍ରକର ଅମିତା

ପିଲାଦିନରୁ ଶ୍ରବଣଶକ୍ତି ହରାଇଥିବା ଅମିତା କେବେ ବି ଏହାକୁ ନିଜ ସଫଳତାର ରାସ୍ତାରେ ବାଧକ ସାଜିବାକୁ ଦେଇନାହାନ୍ତି। ବାପା ମା' ମଧ୍ୟ ଝିଅଙ୍କୁ ଆଗକୁ ବଢିବା ପାଇଁ ଖୁବ୍ ପ୍ରେରଣା ଦେଇଛନ୍ତି। ସାଧାରଣ ସ୍କୁଲରେ ପଢିବାର ସୁଯୋଗ ନ ମିଳିବାରୁ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ଓପନ ସ୍କୁଲିଂ ଅଧିନରୁ ସ୍କୁଲ ଶିକ୍ଷା ଶେଷ କରିଥିଲେ। ଏହାପରେ ଦିଲ୍ଲୀ ମହିଳା ପଲିଟେକନିକ୍‌ରେ ଦାଖଲା ନେଇଥିଲେ ଇଣ୍ଟିରିୟର ଡିଜାଇନ କୋର୍ସରେ। ତିନିବର୍ଷର ଏହି କୋର୍ସ ଶେଷ କରିବାର କିଛିବର୍ଷ ମଧ୍ୟରେ ତାଙ୍କର ବିବାହ ହୋଇଥିଲା ଗୋରେଗାଓଁର ଚାରୁ ଦତ୍ତଙ୍କ ସହ। ଚାରୁ ମଧ୍ୟ ଅମିତାଙ୍କ ପରି ଶ୍ରବଣଶକ୍ତିହୀନ ଥିଲେ। କିଛିବର୍ଷ ମଧ୍ୟରେ ନିନାଦ ଓ ଧ୍ୱନ ନାମରେ ଦୁଇଟି ସନ୍ତାନ ହୋଇଥିଲେ ତାଙ୍କର। ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ଅମିତାଙ୍କ ଚିତ୍ରଶିଳ୍ପୀର ପ୍ରତିଭା ଲୁଚି ଯାଉଥିଲା। ଯାହାକି ପିଲାଦିନରୁ ତାଙ୍କ ଭିତରେ ରହିଥିଲା। କୁହାଯାଏ ପ୍ରତିଭା ଦିନେ ନା ଦିନେ ବିକଶିତ ହୋଇଥାଏ। ଆଉ ଅମିତାଙ୍କ ପ୍ରତିଭାକୁ ବିକଶିତ କରିବାରେ ସହଯୋଗର ହାତ ବଢାଇଥିଲେ ତାଙ୍କ ଶାଶୂ ମା'। ତାଙ୍କ ପ୍ରେରଣା ପାଇ ଅମିତା ଗୋରେଗାଓଁର ସାବିତ୍ରୀ ପଲିଟେକନିକ୍ ରେ ଆର୍ଟ ଆଣ୍ଡ କ୍ରାଫ୍ଟରେ ଡିପ୍ଲୋମାରେ ନାମ ଲେଖାଇଥିଲେ। ଏଥିରେ ନାମ ଲେଖାଇବା ଯେପରି ତାଙ୍କ ସଫଳତାର ପ୍ରଥମ ପାହାଚ ଥିଲା। ଗୋଟିଏ ଦିନ କଲେଜରୁ ଫେରି ସେ ତାଙ୍କ ଶାଶୂ ମା'ଙ୍କୁ ନିଜର ଏକ ପେଣ୍ଟିଂ ଦେଖାଇଥିଲେ। ଯାହାକୁ ଦେଖିବା ପରେ ହତବାକ୍ ହୋଇଯାଇଥିଲେ ତାଙ୍କ ଶାଶୁମା'। କାରଣ ସେହି ପେଣ୍ଟିଂ ଟି କୌଣସି ରଙ୍ଗରେ ନୁହେଁ ବରଂ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇଥିଲା କଫିରେ। ବୋହୂର ଏପରି ନିଆରା ପ୍ରତିଭାରେ ଖୁସି ହୋଇଯାଇଥିଲେ ଶାଶୂ ମା' ଏବଂ ଆଗକୁ ବଢିବା ପାଇଁ ଦେଇଥିଲା ପ୍ରେରଣା। ତା'ପରଠାରୁ ଅମିତା କଫିରେ ଆଙ୍କି ଚାଲିଲେ ଅନେକ ଚିତ୍ର। ନିଜ ଚତୁଃପାର୍ଶ୍ୱରୁ ହିଁ ଅମିତାଙ୍କୁ ମିଳିଯାଏ ବିଷୟବସ୍ତୁ। ଯେପରିକି ଅଟୋ, ରିକ୍ସା, ରେସିଂ କାର୍ ଇତ୍ୟାଦିକୁ ନିଜ ଅଙ୍କନ ମାଧ୍ୟମରେ ଏକ ଭିନ୍ନ ରୂପ ଦେଇଥାନ୍ତି ଅମିତା। ଗଛ ଓ ଶୁଆ ପ୍ରତି ତାଙ୍କର ରହିଛି ଅଧିକ ଭଲପାଇବା। ଯାହାକୁ ନେଇ ସେ ଅଙ୍କନ କରିଛନ୍ତି ଅନେକ ଚିତ୍ର। କେବଳ ଏତିକି ନୁହେଁ ଜାତିର ପିତା ମହାତ୍ମା ଗାନ୍ଧୀ ଏବଂ ଚାର୍ଲି ଚାପଲିନଙ୍କ ପରି ବ୍ୟକ୍ତିଙ୍କର ମଧ୍ୟ ଅନେକ ଚିତ୍ର ଆଙ୍କିଛନ୍ତି। କଫିରେ ଚିତ୍ର ଅଙ୍କନ କରିବା ପାଇଁ ଅମିତାଙ୍କୁ କରିବାକୁ ପଡିଥାଏ ଅନେକ ପରିଶ୍ରମ। ମାତ୍ର ପରିଶ୍ରମ କରିବାରେ କେବେ ବି ହେଳା କରନ୍ତି ନାହିଁ ଅମିତା। ଧୀରେ ଧୀରେ ତାଙ୍କର ଏହି ପ୍ରତିଭା ଅର୍ଥ ରୋଜଗାରର ମାଧ୍ୟମ ବନିଗଲା। ବିଭିନ୍ନ ସହରରେ ପ୍ରଦର୍ଶନୀ କରି ପେଣ୍ଟିଂ ବିକ୍ରି କରିବାକୁ ଆରମ୍ଭ କଲେ ସେ। ତାଙ୍କ ପେଣ୍ଟିଂ ଗୁଡିକ ବିଦେଶୀ ପର୍ଯ୍ୟଟକଙ୍କ ଦ୍ୱାରା ମଧ୍ୟ ଆଦୃତ ହୋଇଥିଲା। ବିଦେଶର ଅନେକ କାର୍ଯ୍ୟକ୍ରମରେ ଅମିତାଙ୍କ ପେଣ୍ଟିଂ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ମଧ୍ୟ ରହିଲା। ତାଙ୍କର ଏହି ସଫଳତା ପାଇଁ ୨୦୧୩ରେ ତାଙ୍କୁ ଶ୍ରେଷ୍ଠ ଆତ୍ମନିର୍ଭରଶୀଳ ଭିନ୍ନକ୍ଷମ ପାଇଁ ଜାତୀୟ ପୁରସ୍କାର ମଧ୍ୟ ମିଳିସାରିଛି। ଅମିତାଙ୍କ ଶାରୀରିକ ଅକ୍ଷମତା କେବେ ବି ତାଙ୍କୁ ଅସହାୟ କରିନାହିଁ। ତାଙ୍କ କହିବାନୁଯାୟୀ, ମଣିଷର ଦୃଢ଼ମନା ହିଁ ତାଙ୍କୁ ସମସ୍ତ ସମସ୍ୟାର ସମ୍ମୁଖୀନ ହେବା ପାଇଁ ସାହସ ଦେଇଥାଏ।







## ଡାଲିଜାତୀୟ ଫସଲ

ଛୁଇଁ ୮୦-୮୫ ଭାଗ ପାକଳ ହୋଇଗଲେ ଅମଳ କରି ଦିଅନ୍ତୁ। ଛୁଇଁ ଅଧିକ ଶୁଖି ଫାଟିଯିବା ଦ୍ୱାରା ମଞ୍ଜି ବାହାରି ବିଛାଡି ହୋଇପଡେ। ଆବଶ୍ୟକ ହେଲେ ଥରେ କିମ୍ବା ଦୁଇଥରରେ ପାକଳ ଛୁଇଁ ତୋଳି ନେଇ ସବୁଜ ଗଛକୁ ଚାଷ କରି ମାଟିରେ ମିଶାଇ ଦେବା ଭଲ। ଏହା ମାଟିକୁ ଉର୍ବର କରେ।
-ଅମଳ ପରେ ମଞ୍ଜିକୁ ଭଲ ଭାବରେ ଖରାରେ ଶୁଖାଇ ଦିଅନ୍ତୁ। ସାଇତି ରଖିବା ବେଳକୁ ମଞ୍ଜିରେ ଶତକଡା ୧୦ଭାଗରୁ କମ୍ ଜଳୀୟଂଶ ରହିବା ଉଚିତ। ଏହି ସମୟରେ ବିହନ କି.ଗ୍ରା. ପ୍ରତି ୨ଗ୍ରାମ୍ ହିସାବରେ ସୋରିଷ ତେଲ କିମ୍ବା ରାଶି ତେଲ ଗୋଳାଇ ସାଇତି ରଖିଲେ ପୋକ ଲାଗିବା କମିଯାଏ।




# ଚାଚା ନେହେରୁ



ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବ ଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତା’ର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମକରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

‘ଆନନ୍ଦ ଭବନ’ରେ ଜବାହାରଲାଲ ଖୁସିରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟରୁ ଡିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ, ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ, ତାଙ୍କ ବନ୍ଧୁ ଟାଣି ଉପରକୁ ଉଠାଇଲେ। ଏକପ୍ରକାର ମୃତ୍ୟୁମୁଖରୁ ରକ୍ଷାପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ, ‘‘ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚ’’-ଜବାହର ଉତ୍ତର ଦେଲେ ଆପଣଙ୍କର ନାକ ଦରକାର କି ଆଖି? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟିଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳାକୁ ପୁତ୍ରବଧୂ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହେରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାହାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତାଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡାୟାର ସାହେବ ପଂଜାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୋଧ କଲା। ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତଦିନ ପରେ ତା’ର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭାଠାରେ କିଛିଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବାକାର୍ଯ୍ୟ ପାଇଁ ଜେନେଭା ପଠାଇଦେଲେ। ରୁଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନଠାରୁ ରୁଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ରୁଷ୍‌ରେ ଚରିଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।

ପଂଜାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀମାନେ ଜନସାଧାରଣଙ୍କୁ ଗୋରୁଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛିଦିନ ପରେ ମୃତ୍ୟୁମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍ ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚରିଆଡେ ପ୍ରଚରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖାକଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେଶନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ୍ତ ଦାବି କରାଯିବ। ଏହି ଔପନିବେଶକବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେଶନକୁ ଗଲେନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ୍ୟ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ୍ତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖକୁ ସ୍ୱାଧୀନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାରଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ରଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା।


ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ’ ମାସ ୫ ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକମାନଙ୍କ ଡାକରାରେ ଜବାହରଲାଲ କୃଷକମାନଙ୍କ ବୈଠକରେ ଯୋଗଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖରେ ଜବାହାରଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜବାହାର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା।

କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜବାହାରଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜବାହାରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷନିଃଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗାନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲକ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜବାହାରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ, କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବି କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜଙ୍କ ସହିତ ଆନନ୍ଦ ଭବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲିଗଲା। ତା’ ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହଯୁଦ୍ଧରେ ବହୁ ନରନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମଂଜୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ରୂପେ ଜବାହାରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ’ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

# ଖାଦ୍ୟପଦାର୍ଥର ମାନବୃଦ୍ଧି ଜରୁରୀ!

ଭୁବନେଶ୍ୱର (ପିଏନ୍): ଫୁଡ଼ ସେଫ୍‌ଟି ଏଣ୍ଡ୍ ଷ୍ଟାଣ୍ଡାର୍ଡ ଅଥରିଟି ଅଫ୍ ଇଣ୍ଡିଆ (ଏଫ୍‌ଏସ୍‌ଏସ୍‌ଏଆଇ) ପକ୍ଷରୁ ନିକଟଅତୀତରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ କେତେକ ପୁଡ଼ିଆବନ୍ଧା (ପ୍ୟାକେଟ୍) ଖାଦ୍ୟପଦାର୍ଥ ଓ ବିସ୍କୁଟ୍ ଆଦିରେ ସ୍ୱତନ୍ତ୍ର ପୌଷ୍ଟିକ ମାନ ପ୍ରତି ଧ୍ୟାନ ଦେବା ନେଇ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ମୁଖ୍ୟତଃ ପାଞ୍ଚ ପ୍ରକାରର ଖାଦ୍ୟପଦାର୍ଥ ଚାଉଳ, ଗହମ, ଲୁଣ, ଅଟା, କ୍ଷୀର ଓ ଖାଇବା ତେଲରେ ଏହି ମାନ ଠିକ୍ ରହୁଛି କି ନାହିଁ, ତାହା କଡ଼ାକଡ଼ି କରାଯିବ। ଏସବୁଥିରେ ଭିଟାମିନର ପରିମାଣ ଅଧିକ ରଖିବା ପାଇଁ ବ୍ୟବସ୍ଥା ରହିବ। ଆମ ଦେଶରେ ସୁରକ୍ଷିତ ଖାଦ୍ୟ ନେଇ ସେଭଳି କୌଣସି ନିୟମକାନୁନ ଠିକ୍‌ଭାବେ ପାଳନ କରାଯାଉ ନଥିବା ଏକ ସାଧାରଣ ଘଟନା। ଦୂଷିତ ଖାଦ୍ୟ ଖାଇ ପ୍ରତିବର୍ଷ ହଜାରହଜାର ଲୋକଙ୍କ ମୃତ୍ୟୁ ଘଟୁଥିବାବେଳେ ନିମ୍ନ ମାନର ଖାଦ୍ୟ ଦ୍ୱାରା ପୁଷ୍ଟିହୀନତା ସମେତ ବିଭିନ୍ନ ବ୍ୟାଧିରେ ବହୁ ଲୋକ ଆକ୍ରାନ୍ତ ହେଉଛନ୍ତି। ବଜାରରେ ଯେଉଁ ଖାଦ୍ୟପଦାର୍ଥ ମିଳିଥାଏ, ସେଗୁଡ଼ିକରେ ଶରୀର ପ୍ରତି ଲାଭଦାୟକ ପଦାର୍ଥ ବେଶି ରହିବା ବଦଳରେ ହାନିକାରକ ତତ୍ତ୍ୱ ବେଶି ରହିଥାଏ। ଏସବୁର ତଦାରଖ କରିବା ପାଇଁ ସରକାରୀ ବ୍ୟବସ୍ଥା ଯେ ମୋଟେ ନାହିଁ, ସେକଥା ନୁହେଁ; ମାତ୍ର ସେସବୁ ଠିକ୍‌ଭାବେ କାର୍ଯ୍ୟ କରୁନାହିଁ। ଏସବୁ ଦୃଷ୍ଟିରୁ ଏହି ନିର୍ଦ୍ଦେଶାବଳୀ ଏକ ଉଚିତ ପଦକ୍ଷେପ; ମାତ୍ର ଏହାକୁ କିଭଳି ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରାଯାଇପାରିବ, ତାହା ବେଶି ଗୁରୁତ୍ୱପୂର୍ଣ୍ଣ। ନିର୍ଦ୍ଦିଷ୍ଟ ଉଚ୍ଚ ମାନର ଖାଦ୍ୟପଦାର୍ଥର ପ୍ରସ୍ତୁତି ବେଳେ ଏହି ନିର୍ଦ୍ଦେଶାବଳୀ କିଭଳି ପାଳିତ ହେବ, ସେ ନେଇ ମଧ୍ୟ ସନ୍ଦେହ ରହିଛି; କାରଣ ଏଫ୍‌ଏସ୍‌ଏସ୍‌ଏଆଇ ଏହି ପୁଡିଆ ଖାଦ୍ୟପଦାର୍ଥଗୁଡ଼ିକର ମାନବୃଦ୍ଧି ପାଇଁ ଏ ପର୍ଯ୍ୟନ୍ତ ସେଭଳି କିଛି ସମୟସୀମା ନିର୍ଦ୍ଧାରଣ କରିନାହାନ୍ତି। ତେଣୁ ପ୍ରସ୍ତୁତକାରୀମାନେ ଏହାକୁ ମାନିବେ କି ନ ମାନିବେ, ତାହା ସେମାନଙ୍କ ମର୍ଜି ଉପରେ ହିଁ ନିର୍ଭର କରୁଛି। ଅନେକ ବର୍ଷ ଧରି ଆମ ଦେଶରେ ନିର୍ଦ୍ଦିଷ୍ଟ ମାନବୃଦ୍ଧି କରି ଖାଦ୍ୟପଦାର୍ଥ ପ୍ରସ୍ତୁତ କରିବା କଥା କୁହାଯାଉଥିଲେ ହେଁ କେବେ ତା’ର ସଫଳ ପ୍ରୟୋଗ ହୋଇନାହିଁ। କେବଳ ଷାଠିଏ ଦଶକରେ ଆରମ୍ଭ ହୋଇଥିବା ଆୟୋଡିନମିଶା ଲୁଣ ଏ କ୍ଷେତ୍ରରେ କିଛିଟା ସଫଳତା ଦେଇଛି। ସେତେବେଳେ ଗଳଗଣ୍ଡ ରୋଗକୁ ଦୂର କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିଲା। ବର୍ତ୍ତମାନ ପୁଷ୍ଟିହୀନତା ଆମ ଦେଶର ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏହାକୁ ଦୂର କରିବାକୁ ହେଲେ ଅତ୍ୟାବଶ୍ୟକ ଖାଦ୍ୟପଦାର୍ଥଗୁଡ଼ିକର ପୌଷ୍ଟିକ ମାନକୁ ବୃଦ୍ଧି କରିବା ଜରୁରୀ ହୋଇପଡ଼ିଛି। କେନ୍ଦ୍ର ସରକାର ସେଇକଥା ଏବେ ଚିନ୍ତା କରୁଛନ୍ତି ବୋଲି ଖବର ମିଳୁଛି। ନିକଟଅତୀତରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ଘୋଷଣା କରିଥିଲେ ଯେ ସରକାର ପୁଷ୍ଟିହୀନତା ସହ ଲଢ଼େଇ କରିବାପାଇଁ ଏହିଭଳି ‘ଫର୍ଟିଫାଏଡ଼’ (ଉଚ୍ଚ ମାନଯୁକ୍ତ) ଖାଦ୍ୟକୁ ଏକ ପ୍ରମୁଖ ଅସ୍ତ୍ରଭାବେ ଧରିନେଇଛନ୍ତି। ମଧ୍ୟାହ୍ନ ଭୋଜନ ଯୋଜନା, ଆଇସିଡିଏସ୍ ଓ ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି ଯୋଜନାଗୁଡ଼ିକରେ ଏଭଳି ଖାଦ୍ୟପଦାର୍ଥର କ୍ରୟ ଓ ବଣ୍ଟନ ବାଧ୍ୟତାମୂଳକ ହେବ ବୋଲି ସେ କହିଛନ୍ତି। ତାଙ୍କ ମତରେ ଭାରତ ଭଳି ଦେଶରେ ଅସଂଗଠିତ କ୍ଷେତ୍ର ଏସବୁ ଖାଦ୍ୟପଦାର୍ଥର ଉତ୍ପାଦନ ଓ ପ୍ରସ୍ତୁତି କରିଥାନ୍ତି, ଯେଉଁମାନେ ଅନେକ ସମୟରେ ତା’ର ମାନ ପ୍ରତି ଆଦୌ ଦୃଷ୍ଟି ଦେଇନଥାନ୍ତି। ମନ୍ତ୍ରୀଙ୍କ କଥା ଠିକ୍, ମାତ୍ର ସଂପୃକ୍ତ ବିଭାଗ ଦ୍ୱାରା କେବଳ ନିର୍ଦ୍ଦେଶାବଳୀ ଜାରି କରିଦେଲେ ଏହା ହୋଇପାରିବ ନାହିଁ। ସବୁଠୁ ବଡ଼ କଥା ହେଉଛି ଏସବୁ ଉତ୍ପାଦନ ଓ ପ୍ରସ୍ତୁତ କରୁଥିବା ଲୋକେ ଯେଭଳି ଏ ନେଇ ଆରମ୍ଭରୁ ହିଁ ସଚେତନ ରହିବେ, ତା’ର ବ୍ୟବସ୍ଥା କରିବା ସର୍ବପ୍ରଥମ କାର୍ଯ୍ୟ ହେବ। ଆଜିକାଲି ସହରଗୁଡ଼ିକରେ ବିନା ଲାଇସେନ୍ସରେ ମଧ୍ୟ ଏସବୁ ପୁଡ଼ିଆ ଖାଦ୍ୟପଦାର୍ଥ ପ୍ରସ୍ତୁତି ବହୁଳ ପରିମାଣରେ ହେଉଛି। ସେଗୁଡ଼ିକ ଉପରେ ସରକାରଙ୍କ ଆଦୌ ନିୟନ୍ତ୍ରଣ ନାହିଁ। ଏପରିକି ଭଲ ବ୍ରାଣ୍ଡ୍‌ର ଖୋଳରେ ନିକଳି ଜିନିଷ ଭର୍ତ୍ତିକରି ବିକ୍ରି କରାଯାଉଛି। ଏହାକୁ ନ ରୋକାଗଲେ ଏଭଳି ନିର୍ଦ୍ଦେଶାବଳୀର କିଛି ଅର୍ଥ ନାହିଁ। ପ୍ରକୃତ କଥା ହେଉଛି ସୁରକ୍ଷିତ ଓ ଉଚ୍ଚ ମାନଯୁକ୍ତ ଖାଦ୍ୟପଦାର୍ଥ ନେଇ ଯେତିକି ସଚେତନତା ପ୍ରସ୍ତୁତକାରୀ ଓ ଖାଉଟିଙ୍କ ପାଖରେ ରହିବା କଥା, ଆମ ଦେଶରେ କାହା ପାଖରେ ମଧ୍ୟ ନାହିଁ। ଉନ୍ନତ ଦେଶଗୁଡ଼ିକରେ ଉତ୍ପାଦନଠାରୁ ଆରମ୍ଭ କରି ଖାଉଟି ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଏ ନେଇ ନିୟମକାନୁନ ଅତି ସ୍ପଷ୍ଟ ଓ ଦୃଢ଼। ନିର୍ଦ୍ଦିଷ୍ଟ ଉଚ୍ଚ ମାନଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତ କରିବାରେ ଆମେରିକା ସର୍ବପ୍ରଥମ। ୧୯୦୦ ଶତାବ୍ଦୀର ଆଦ୍ୟଭାଗରେ ଭିଟାମିନ ବି୩ ଅଭାବରୁ ସେଠାକାର ଗରିବ ଲୋକମାନଙ୍କୁ ପେଲେଗ୍ରା ରୋଗ ହେବା ଜଣାପଡ଼ିବା ପରେ ଏହି ଭିଟାମିନଯୁକ୍ତ ଖାଦ୍ୟପଦାର୍ଥ ପ୍ରସ୍ତୁତ କରାଯାଇଥିଲା। ବ୍ରିଟେନ ଓ ଅନ୍ୟ ବିକଶିତ ଦେଶଗୁଡ଼ିକରେ ମଧ୍ୟ ଏହି ପଦ୍ଧତିକୁ ପୂର୍ବରୁ ଗ୍ରହଣ କରାଯାଇ ସଫଳତା ମିଳିଛି। ତେଣୁ ଆମ ଦେଶରେ ମଧ୍ୟ ନିଶ୍ଚୟ ସୁଫଳ ମିଳିବ। ତେବେ ଏଥିପାଇଁ ସେହି ଦେଶଗୁଡ଼ିକ ପରି ନିୟମ ଓ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି କରିବା ସହ ନିୟମିତ ତଦାରଖ ଏବଂ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ରହିଛି। ସରକାର ଉପଭୋକ୍ତାଙ୍କ ସ୍ୱାର୍ଥରକ୍ଷା ପାଇଁ ଏ କ୍ଷେତ୍ରରେ କଠୋରତା ଅବଲମ୍ବନ ମଧ୍ୟ ବାଞ୍ଛନୀୟ।

# ସାଇପ୍ରେମ ଅବାରିତ



ଅବତାର ଆସନ୍ତି କେବଳ ଭଲ ମଣିଷମାନଙ୍କର ଉଦ୍ଧାର ପାଇଁ। ପଶୁ, ପକ୍ଷୀ କିମ୍ବା ଗଛଲତାମାନଙ୍କ ଉଦ୍ଧାର ପାଇଁ ନୁହେଁ। ସେଥିପାଇଁ ଜଣେ ଭକ୍ତ ଥରେ ପ୍ରକାଶ କରିଦେଲେ, ଭଗବାନ ମଣିଷକୁ ହିଁ ସବୁଠାରୁ ବେଶୀ ଭଲ ପାଉଥିବାରୁ ତାର ଉଦ୍ଧାର ପାଇଁ ଅବତାର ଗ୍ରହଣ କରନ୍ତି। ଏହାକୁ ଭଗବାନ ବାବା ଶୁଣି ଦରଦ ଓ ଦୁଃଖରେ କହିଲେ, ଭଗବାନ ସବୁ ପ୍ରାଣୀଙ୍କୁ ସମାନ ଭାବରେ ସ୍ନେହ ଏବଂ ଆଦର କରନ୍ତି। ମାତ୍ର ସେ କେବଳ ମଣିଷଙ୍କ ପାଇଁ ଅବତାର ହୋଇ ଆସିବାର କାରଣ, ସମଗ୍ର ଜୀବ ଜଗତରେ ଏକମାତ୍ର ପ୍ରାଣୀ ମଣିଷ, ନିଜ ଧର୍ମରୁ ବିଚ୍ୟୁତ ହୁଏ। ପଶୁ, ପକ୍ଷୀ, ଗଛ, ଲତା ସମସ୍ତେ ନିଜ ନିଜର ଧର୍ମ ଠିକ୍ ଭାବରେ ପାଳନ କରନ୍ତି। ତେଣୁ ସେମାନଙ୍କ ମଧ୍ୟରେ ଧର୍ମର ପୁନଃ ପ୍ରତିଷ୍ଠା ଆବଶ୍ୟକ ପଡ଼େନାହିଁ। ବୈଦିକ ସନାତନ ଧର୍ମଠାରୁ ଇସ୍‌ଲାମ ଯାଏ ସବୁଧର୍ମରେ ପ୍ରାଣୀକୁ ଭଲ ପାଇବାକୁ ଧର୍ମରେ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ସେଇଥିପାଇଁ ଶିବ ହେଲେ ପଶୁପତି, ବିଷ୍ଣୁ ରୂପରେ ହେଲେ ଗୋପାଳକ, ଶ୍ରୀରାମ ମାଙ୍କଡ଼, ଭାଲୁ ଆଉ ଗୁଣ୍ଡୁଚି ମୂଷାକୁ ଆପଣାର କଲେ। ଯୀଶୁ ଓ ବୁଦ୍ଧଦେବଙ୍କର ପ୍ରିୟ ଥିଲେ ମେଷ, ଭଗବାନ ଶ୍ରୀ ସତ୍ୟସାଇଙ୍କଠାରେ ଏ ସମସ୍ତ ପ୍ରାଣୀ କେହିହେଲେ ବାଦ ପଡ଼ିନାହାଁନ୍ତି। ପଶୁ,ପକ୍ଷୀ, ମଣିଷ ସମସ୍ତଙ୍କ ପାଇଁ ତାଙ୍କ ଭଲପାଇବା ପ୍ରେମ ଅବାରିତ। ଗାଈଗୋରୁ, କୁକୁର, ଓଟ, ହରିଣ, ହଂସ ସମସ୍ତେ ତାଙ୍କ ପ୍ରେମ ରାଜ୍ୟରେ ସମ୍ମାନିତ ବାସିନ୍ଦା। ସାଇ ଗୀତା ହସ୍ତିନୀ ବିଷୟରେ ନ କହିଲେ ଭଲ। ୧୯୬୨ ମସିହାରେ ଥରେ ବାବା ନୀଳଗିରି ଅଞ୍ଚଳର ଚିକେଟ୍‌ଟୀ ଗାଁକୁ ଯାଇଥିଲେ। ସେ ଗାଁରେ କୁଟନ ନାମରେ ଗୋଟିଏ କୁକୁର ଥିଲା। କୁଟନ ଅର୍ଥ ଏକ ଗୋଡ ହରାଇଥିବା କୁକୁର। ସେହି କୁଟନ ଯେ କି ସାରା ଗାଁକୁ ଜଗୁଥିଲା। ସେ ସମସ୍ତ ଗ୍ରାମବାସୀଙ୍କର ଅତିପ୍ରିୟ ଥିଲେ ବି ବାହାର କୌଣସି ଲୋକଙ୍କ ପ୍ରତି ଅତ୍ୟନ୍ତ ଭୟଙ୍କର ଥିଲା। ବାବାଙ୍କର ସେହି ଗ୍ରାମକୁ ଆଗମନ ସମୟରେ କାଳେ ବାବାଙ୍କୁ ଆହତ କରିବ ଏହି ଆଶଂଙ୍କାରେ ଲୋକେ ତାକୁ ବାନ୍ଧି ରଖିଲେ। ମାତ୍ର ସେ ବାବାଙ୍କୁ ଦେଖି ଅସମ୍ଭାଳ ହୋଇ ଉଠିଲା। ବାବା କୁଟନ ପାଖକୁ ଯାଇ ତାକୁ ଟିକିଏ ଆଉଁସି ଦେଲେ ବଙ୍ଗାରୁ ସୁନା ବୋଲି ତାକୁ ସମ୍ବୋଧନ କଲେ। ଆଉ ଲୋକମାନଙ୍କୁ କହିଲେ ତାକୁ ଖୋଲି ଦେବାକୁ। ଏହି ନିର୍ଦ୍ଦେଶ ଦେଇ କହିଲେ ସେ ଗୋଟିଏ ଶୁଦ୍ଧ ଆତ୍ମା ତାକୁ ବାନ୍ଧି ରଖ ନାହିଁ। ସେ ମୋ’ ଦର୍ଶନ ଏବଂ ଆଶ୍ରା ପାଇଁ ପାଗଳ। କୁଟନ ପାଇଁ ବାବା ଅଜ୍ଞାତ କି ବାହାରର ଲୋକ ନଥିଲେ, ଥିଲେ ଆପଣାର ଅତି ଆପଣାର। ବାବା ଯେତେବେଳେ ସଭାମଣ୍ଡପ ଉପରକୁ ଚଢ଼ିଲେ କୁଟନ ମଧ୍ୟ ତାଙ୍କ ସାଙ୍ଗରେ ଯାଇ ତାଙ୍କ ଚୌକି ପାଖରେ ଧୀରସ୍ଥିର ଭାବରେ ବସିଲା। ସେଦିନ ଗ୍ରାମର ସମସ୍ତ ଲୋକଙ୍କ ପାଇଁ ଭୋଜିଭାତର ଆୟୋଜନ କରାଯାଇଥିଲା। ବାବା ହାଣ୍ଡିଶାଳକୁ ଯାଇ ସବୁ ଖାଦ୍ୟପଦାର୍ଥକୁ ସ୍ପର୍ଶକରି ପ୍ରସାଦ କଲେ। ଆଉ ପ୍ରଥମେ କୁଟନକୁ ଖାଇବାକୁ ଦେବାକୁ ନିର୍ଦ୍ଦେଶ ଦେଲେ। ଲୋକମାନେ କିଛି ବୁଝି ନପାରିଲେ ମଧ୍ୟ ବାବାଙ୍କ କଥାକୁ ପାଳନ କଲେ। ତା’ପରେ ଲୋକମାନଙ୍କୁ ଖାଇବାକୁ ଦିଆଗଲା। ବାବା ଗୋଟିଏ ଉଚ୍ଚ ମଣ୍ଡପରେ ବସି ଖାଇବା ତଦାରଖ କରୁଥାନ୍ତି। କୁଟନ ଖାଇ ସାରି ବାବାଙ୍କ ପାଦ ଉପରେ ମୁଣ୍ଡରଖି ଶୋଇଲା। ସେ ନିଦ୍ରା ଥିଲା କୁଟନର ଶୁଦ୍ଧ ଆତ୍ମାର ଅନନ୍ତ ଜାଗରଣ। କାରଣ ଶୁଦ୍ଧାତ୍ମା ପ୍ରେମାତ୍ମାଠାରେ ଲୀନ ହୋଇଗଲା। ଏହା ଭଗବାନ ବାବାଙ୍କ ମଣିଷ ବ୍ୟତୀତ ଇତର ପ୍ରାଣୀ ପ୍ରତି ଥିବା ସ୍ନେହପ୍ରେମର ଜ୍ୱଳନ୍ତ ଉଦାହରଣ।

# ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ ପଞ୍ଚୁକବ୍ରତ ଉଦଯାପିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ତୁଳସୀକ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀବଳଦେବଜୀୟୁଙ୍କ ମନ୍ଦିରରେ କାର୍ତ୍ତିକ ପଞ୍ଚୁକବ୍ରତ ଉଦଯାପିତ ହୋଇଯାଇଛି। ପଞ୍ଚୁକ ପାଞ୍ଚଦିନ ବ୍ୟାପି ଅନୁଷ୍ଠିତ ଏହି ବ୍ରତ ପାଳନରେ ବହୁ ଦୂରଦୂରାନ୍ତରୁ ଆସିଥିବା ହବିଷ୍ୟାଳିମାନେ ଯାତ୍ରୀନିବାସରେ ରହି ଶ୍ରୀଜୀୟୁଙ୍କ ଅଁଳା ବେଢା ପରିକ୍ରମା କରିବା ସହ ସେମାନଙ୍କ ରାଇଦାମୋଦର ପୂଜା ଅତ୍ୟନ୍ତ ମନୋରମ ହୋଇଥିଲା। ତୁଳସୀକ୍ଷେତ୍ରରେ ଗରାପୁର ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ହବିଷ୍ୟାଳୀମାନଙ୍କ ପାଇଁ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ପାଇଁ ଏଭଳି ଆୟୋଜନ କରିଥିବାରୁ ହବିଷ୍ୟାଳୀମାନେ ଶ୍ରୀମାଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ପ୍ରଭୁ ଶ୍ରୀବଳଦେବଜୀୟୁ ଶ୍ରୀମାଙ୍କୁ ଦୀର୍ଘାୟୁ କରନ୍ତୁ ବୋଲି କାମନା କରିଥିଲେ। ଶ୍ରୀକ୍ଷେତ୍ରରେ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଅନୁଷ୍ଠିତ ପଞ୍ଚୁକବ୍ରତ ପାଳନ କରିବାକୁ ସମସ୍ତେ ଯାଇପାରୁନଥିବା ବେଳେ ଶ୍ରୀମା’ଙ୍କ ତୁଳସୀକ୍ଷେତ୍ରରେ ଏଭଳି ଆୟୋଜନ ହବିଷ୍ୟାଳୀମାନଙ୍କୁ ବ୍ରତ ପାଳନ ପାଇଁ ସୁଯୋଗ ପ୍ରଦାନ କରିପାରିଛି। ଏହି ଅବସରରେ କେନ୍ଦ୍ରାପଡା ବିଧାୟକ କେନ୍ଦ୍ରାପଡାରେ ହବିଷ୍ୟାଳୀଙ୍କ ପାଇଁ ତୁଳସୀ ଭବନ ନିର୍ମାଣ ପାଇଁ ପ୍ରତିଶୃତିକୁ ସମସ୍ତେ ସ୍ୱାଗତ କରିଛନ୍ତି। ଉଦଯାପନୀ ଉତ୍ସବରେ ଶ୍ରୀମାଙ୍କ ସମେତ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ପ୍ରାକ୍ତନ ନଗରପାଳ ରୋସ୍ନା ସାହୁ, ସ୍ୱାମୀ ବିକାଶା ନନ୍ଦ, ସ୍ୱାମୀ ଲୋକାତିତା ନନ୍ଦ, କ୍ଷୀରୋଦ ନାଥ, ମନ୍ଦିର ପରିଚାଳନା ଟ୍ରଷ୍ଟର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ନୃସିଂହ ତ୍ରିପାଠୀ, ଅମୂଲ୍ୟ ସାମନ୍ତରାୟ, ସୁମନ୍ତ ଭୂୟାଁ, ରମେଶ ଚନ୍ଦ୍ର ସାହୁ, ସୁମିତ୍ରା ପାଢୀ, ନିରଞ୍ଜନ ମେକାପ, ମନୋରଞ୍ଜନ ତ୍ରିପାଠୀ, ଦ୍ରୌପଦୀ ରାଉତ, ସ୍ୱପ୍ନା ସିଂ, ପୁନମ ନାୟକ, ଦୟାନନ୍ଦ ବାରିକ, ମନୋରଞ୍ଜନ ଦାସ, ସୁବନି ସାହୁ, ଦିଲ୍ଲିପ ସାହୁ, ଶ୍ରୀଚରଣ ସାମଲ, ଶ୍ରୀଧର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଲୁଟ୍

ଭୁବନେଶ୍ୱର, (ପିଏନ୍): ଧର୍ମଶାଳା ଥାନା ୫୩ନମ୍ବର ଜାତୀୟ ରାଜପଥର କଣ୍ଟିଗଡ଼ିଆ ଛକ ନିକଟରେ ଆଜି ସ୍କୁଟି ପଛରେ ବସି ଯାଉଥିବା ଜଣେ ବୃଦ୍ଧାଙ୍କ ବେକରୁ ସୁନାଚେନ୍ ଓ ଲକେଟ୍ ଲୁଟି ନେଇଛି ଦୁର୍ବୃତ । ଏ ସଂପର୍କରେ ବୃଦ୍ଧାଙ୍କ ପୁଅ ଢେଙ୍କାନାଳ ଜିଲ୍ଲା ନିହଳପ୍ରସାଦ ଗ୍ରାମର ଶରତ ସାହୁ ଥାନାରେ ଏତଲା ଦେଇଛନ୍ତି । ଲୁଟେରା ସଂପର୍କରେ କୌଣସି ସୁରାକ୍ ମିଳିନାହିଁ । ଘଟଣାରୁ ପ୍ରକାଶ ଯେ, ଶରତ ମା’ ମାତାଜୀ ସାହୁ (୭୫)ଙ୍କୁ ସ୍କୁଟିରେ ବସାଇ ଭଉଣୀ ଘର ଡେରାବିଶ ଥାନା ରାଣୀପଡ଼ା ଗାଁରୁ ନିଜ ଘରକୁ ଫେରୁଥିଲେ । ପୂର୍ବାହ୍ନ ପ୍ରାୟ ୧୦ଟାରେ ଶ୍ରୀରାମପୁର ଟୋଲ୍ ଗେଟ୍ ଓ କଣ୍ଟିଗଡ଼ିଆ ଛକ ମଝିରେ ସେମାନଙ୍କ ପଛରୁ ଆସୁଥିବା ଜଣେ ବାଇକ୍ ଚାଳକ ମାତାଜୀ ପିନ୍ଧିଥିବା ୧୨ ଗ୍ରାମ୍ ଓଜନର ସୁନାଚେନ୍ ଓ ଲକେଟ୍‌କୁ ହଠାତ୍ ଝାମ୍ପି ନେଇ ଚଣ୍ଡିଖୋଲ ଆଡ଼େ ଚମ୍ପଟ ମାରିଥିଲା। ଦୁର୍ବୃତର ଆକସ୍ମିକ ଆକ୍ରମଣରେ ସ୍କୁଟି ଚାଳକ ଶରତ ଭାରସାମ୍ୟ ହରାଇଥିଲେ । ପ୍ରଥମେ ଚଣ୍ଡିଖୋଲ ଫାଣ୍ଡି ଓ ପରେ ଧର୍ମଶାଳା ଥାନାରେ ଶରତ ଏତଲା ଦେଇଛନ୍ତି । ବାରମ୍ବାର ଏହି ରାସ୍ତାରେ ଛିନ୍‌ତାଇ ହେଉଛି । ପୁଲିସ୍ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସାଧାରଣରେ ଦାବି ହୋଇଛି ।


# କଂକ୍ରିଟ୍ ରାସ୍ତାରେ ଘାସ ଗାଲିଚା !



ଭୁବନେଶ୍ୱର, (ପିଏନ୍): କଂକ୍ରିଟ୍ ରାସ୍ତାରେ ଘାସ ଗାଲିଚା! ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଧର୍ମଶାଳା ବ୍ଲକ ଜାରକା-ଶାନ୍ତିବଜାର ଦୁଇଥାକିଆ ରାସ୍ତାର ବସୁଧା ଓଭରହେଡ୍ ପାଣିଟାଙ୍କି ନିକଟରେ । ପାଖରେ ଏକ ପାଣି ଟ୍ୟାପ୍ ରହିଛି । ଏହିଠାରୁ ନିକଟସ୍ଥ ବ୍ୟବସାୟୀ ଓ ସ୍ଥାନୀୟ ଅଞ୍ଚଳବାସୀ ପାନୀୟ ଜଳ ସଂଗ୍ରହ କରିଥାନ୍ତି । ସାମ୍‌ନାରେ ଏକ ଅଣଓସାରିଆ ଡ୍ରେନ୍ ରହିଛି । ଅଧିକ ବର୍ଷା ହେଲେ ଅପରପାର୍ଶ୍ୱର ବର୍ଷାପାଣି ଏପାଖକୁ ଚାଲିଆସେ । ଡ୍ରେନ୍ ବୁଡ଼ି ରାସ୍ତାରେ ବର୍ଷାପାଣି ପ୍ରବାହିତ ହୋଇଥାଏ । ଏଥିପାଇଁ ଉକ୍ତ ସ୍ଥାନଟି ସର୍ବଦା ପାଣିରେ ବୁଡ଼ି ରହିଥାଏ । ସବୁବେଳେ ପାଣିପାଇ ଅଧା କଂକ୍ରିଟ୍ ରାସ୍ତାରେ ଘାସ ଓ ଦଳ ମାଡ଼ିଗଲାଣି । ଦୀର୍ଘଦିନ ହେଲା ଏହାକୁ ସଫା କରାଯାଉ ନଥିବାରୁ ଏହା ଏଠାରେ ଘାସ ଗାଲିଚାର ଭ୍ରମ ସୃଷ୍ଟି କରୁଛି । ରାତିର ବିଦ୍ୟୁତ୍ ଆଲୋକରେ ପାର୍କ ଭଳି ପ୍ରତ୍ୟୟମାନ ହେଉଛି । ବର୍ଷାପାଣି ନିଷ୍କାସନ ପାଇଁ ଏଠାରେ ଏକ ଡ୍ରେନ୍ ନିର୍ମାଣ କରାଯାଇଛି । ମାତ୍ର ଏହା ଅଣଓସାରିଆ ହୋଇଥିବାରୁ ଲଗାଣ ବର୍ଷା ସମୟରେ ଡ୍ରେନ୍ ବୁଡ଼ି ରାସ୍ତାରେ ବର୍ଷାପାଣି ପ୍ରବାହିତ ହେଉଛି । ଫଳରେ ଉକ୍ତ ରାସ୍ତାରେ ଯାତାୟତ କରିବା ବାଧାପ୍ରାପ୍ତ ହେଉଛି । ସେହିପରି ଜାରକା ବଜାରର ଅଧିକାଂଶ ରାସ୍ତା ଭାଙ୍ଗିରୁଜି ଗଲାଣି । ଭଙ୍ଗାଦଦରା ରାସ୍ତାରେ ଯା’ଆସ କରିବା କଷ୍ଟକର ହେଉଛି । ଡ୍ରେନ୍ ପୋତି ହୋଇଗଲାଣି । ବର୍ଷା ହେଲେ କେତେକ ଦୋକାନ ଓ ଲୋକଙ୍କ ଘରେ ବର୍ଷାପାଣି ପଶିଯାଉଛି । ନିମ୍ନମାନର ନିର୍ମାଣ କାମ ପାଇଁ ବସୁଧା ଓଭରହେଡ୍ ପାଣିଟାଙ୍କି ଏବେ ବିପଦସଙ୍କୁଳ ଅବସ୍ଥାରେ ରହିଛି । ଧର୍ମଶାଳାକୁ ପ୍ରଗତିର ପ୍ରୟୋଗଶାଳା ବୋଲି ଡିଣ୍ଡିମ ପିଟୁଥିବା ନେତା, କର୍ମୀ ଓ ଅଫିସରମାନଙ୍କୁ ଏ ଦୃଶ୍ୟ କିପରି ଦୃଶ୍ୟମାନ ହେଉନାହିଁ, ଏହାକୁ ନେଇ ପ୍ରଗତି ପଥେ ଥିବା ଧର୍ମଶାଳାବାସୀଙ୍କ ମନରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସମୃଦ୍ଧ ଧର୍ମଶାଳାରେ ବିକାଶର ଏଭଳି ଓଲଟା ଚିତ୍ର ଏହାର ପ୍ରକୃତ ସତ୍ୟତାକୁ ବୟାନ କରୁଛି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪




**ଭୁବନେଶ୍ୱର, ୨୦୨୪, ଫେବୃଆରୀ ୧୪**

# ଅଗିରା ପୂର୍ଣ୍ଣମା



ଦେବାଶିଷ ଆଚାର୍ଯ୍ୟ

ଶୀତ ଋତର ଶେଷ ମାଘର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଅଗିଜଳା ଏକ ପରିଚିତ ଦୃଶ୍ୟ । ପ୍ରକୃତରେ ଅଗ୍ନୀ ଦେବତାଙ୍କ ପୂଜା ବୈଦିକ ଯୁଗରୁ ରହିଆସିଛି । ବୈଦିକ ଭାଷାରେ – ‘ଅଗ୍ନୀ ମିଳେ ପୁରୋହିତଂ’ ତେଣୁ ବେଦରେ ଅଗ୍ନୀ ହେଉଛନ୍ତି ପ୍ରଥମ ଦେବତା । ଓଡ଼ିଆ ଜନଜୀବନରେ ଚିର ପରିଚିତ ଅଗିରା ପୂନେଇଁ ଏକ ପରିଚିତ ଦିନଟି । କେବଳ ଗାଁରେ ନୁହେଁ ସହରରେ ମଧ୍ୟ ଛକ ସ୍ଥାନ ମାନଙ୍କରେ ଧାନ ନଡ଼ା ଏକତ୍ର କରାଯାଇ ଏହାକୁ ପୂଜାର୍ଚ୍ଚନା କରି ଅଗ୍ନୀ ସଂଯୋଗ କରାଯାଇଥାଏ । ଏଥିରେ ବାଇଗଣ ଓ ଅନ୍ୟାନ୍ୟ ପରିବା ପୋଡ଼ି ଖାଇଲେ କିଛି ଚର୍ମରୋଗ ହୋଇନଥାଏ ବୋଲି ଲୋକବିଶ୍ୱାସ ରହିଛି । ଏହିଦିନରୁ ବାଘପରି ମାଘ ମାସର ଶୀତ ବିଦାୟ ନେଇ ବସନ୍ତ ଋତୁର ମୃଦୁ ସମୀରଣ ଭିତରେ ଗ୍ରୀଷ୍ମଋତୁକୁ ସ୍ୱାଗତ କରାଯାଇଥାଏ । ଶୀତ ଋତର ଶେଷ ମାଘ ମାସର ପୂର୍ଣ୍ଣମୀକୁ ଅଗିରା ପୂର୍ଣ୍ଣମୀ କହିଥାନ୍ତି । ସାଧାରଣତଃ ଅଗ୍ନି ଦେବତାଙ୍କ ପୂଜା ଶ୍ରୀପଞ୍ଚମୀ ଦିନ ଠାରୁ ଆରମ୍ଭ ହୋଇଥାଏ । କାରଣ ସରସ୍ୱତୀଙ୍କ ବେଦରେ ଅଗ୍ନି ବୋଲି କୁହାଯାଇଛି । ଦେବତାଙ୍କର ହୁତବହ ବା ଯଜ୍ଞଭାଗ ବହନକାରୀ ସେ ଧର୍ମଗୁରୁ, ପୁରୋଧା, ଦେବଦୂତ, ଦେବତା ମାନଙ୍କର ପ୍ରତିନିଧି ସ୍ୱରୂପ ତେଣୁ ଅଗ୍ନିରେ ସେମାନଙ୍କ ଦେବତା ମାନଙ୍କ ନିମିତ୍ତ ନାନା ପ୍ରକାର ଯଜ୍ଞ କରିଥିଲେ । ‘‘ଦ୍ରବ୍ୟ ଯଜ୍ଞା ସ୍ତପୋଯଜ୍ଞା ଯୋଗ ଯଜ୍ଞା ସ୍ତଥା ପରେ, ସ୍ୱଧାୟ ଜ୍ଞାନ ଯଜ୍ଞାଶ୍ଚ ଯତୟଃ ସଂଶିତ ବ୍ରତାଃ’’ । ଆକାଂକ୍ଷା, ଅଭିଳାଷ, ମନସ୍କାମନା ସିଦ୍ଧି ନିମି ଆର୍ଯ୍ୟ ଋଷିମାନେ ଦ୍ରବ୍ୟ ଯଜ୍ଞ, ତପ ଯଜ୍ଞ, ଯୋଗ ଯଜ୍ଞ, ଜ୍ଞାନ ଯଜ୍ଞ ପ୍ରଭୃତି ନାନା ପ୍ରକାର ଯଜ୍ଞକରି ଆନନ୍ଦ ଲାଭ କରି ନିଜର ସଂକଳ୍ପ ସିଦ୍ଧି କରିପାରୁଥିଲେ ବୋଲି ଶ୍ରୀମଦ୍ ଭାଗବତ୍ ଗୀତାରେ କୁହାଯାଇଛି । ଅଗ୍ନି ଦେବତାଙ୍କୁ ପଞ୍ଚାକ୍ଷର ମନ୍ତ୍ରାରେ ‘‘ଓଁ ଆଗ୍ନେୟ ନମଃ’’ ଉଚ୍ଚାରଣ କରି ଆର୍ଯ୍ୟଋଷି ଜପ କରିଛନ୍ତି । ‘‘ବୈଦି କଅଗ୍ନିଙ୍କ ସ୍ୱରୂପ କଳ୍ପନା କରି ଧ୍ୟାନ କରିଛନ୍ତି – ‘‘ସର୍ବଲକ୍ଷଣ ସମ୍ପୂର୍ଣ୍ଣଂ ଜଟାମୁକୁଟ ମଣ୍ଡିତଂ । ଶୁଦ୍ଧଚାମୀକରଭାସଂ ସ୍ମେରାସ୍ୟଂ ମଧୁରାଧରଂ । ପୀତାମ୍ବର ପରିଧାନଂ ଦିବ୍ୟାଭରଣ ଭୂଷିତଂ ଚନ୍ଦନାଗୁରୁ କପୂରୈ ଶ୍ଚର୍ଚ୍ଚିତଂ ସ୍ରଗ୍ ବିଭୂଷିତଂ । ସିତ ପଦ୍ମାସନଂ ଶାନ୍ତଂ ମେଷାରୁଢ଼ଂ ସ୍ମରୋଷ୍ଟମଂ । ସୋପବିତଂ ଜଟାମୌଳିମୁଜ୍ଜଳଂ ହାରକଙ୍କଣୈଃ । ଚତୁଃଶ୍ରୋତ୍ରଂ ଦ୍ୱିନାସଂଚ ଷଟ୍ ନେତ୍ରେଶ୍ଚ ବିରାଜିତଂ । ସପ୍ତହସ୍ତଂ ଚତୁଃଶୃଙ୍ଗ ସପ୍ତଜିହ୍ୱଂ ଦ୍ୱିଶୀର୍ଷକଂ । ତ୍ରିପାଦମଖିଳାନାଂ ଚ ସର୍ବକାମାର୍ଥ ସିଦ୍ଧିଦଂ । ସ୍ୱାହାତ୍ତୁଂ ଦକ୍ଷିଣେ ପାର୍ଶ୍ୱେ ବାମଭାବେ ସ୍ୱଧା ତଥା । ବିଭ୍ରତଂ ଦକ୍ଷହସ୍ତେତୁଂ ଶକ୍ତି ମନ୍ନ ସ୍ରୁବୁଂ ଶ୍ରୁଚଂ । ଚାମରଂ ବ୍ୟଞ୍ଜନଂ ବାମେ ଘୃତ ପାତ୍ରଂ ଚ ବିଭ୍ରତଂ । ଆତ୍ମାଭି ମୁଖମାସୀନ ମେବଂ ଧ୍ୟାୟେଦ୍ଧୁତାଶନଂ । ପରବର୍ତ୍ତୀ କାଳମାନଙ୍କରେ ଏହି ଅଗ୍ନିପୂଜା ଏତେ ଜଟିଳ ଏବଂ କଷ୍ଟସାଧ୍ୟ ହୋଇପଡ଼ିଛି ଯେ କର୍ମ ମୁଖର ଏବଂ କର୍ମ ଚଞ୍ଚଳ ଜୀବନରେ ମନୁଷ୍ୟ ବିଧିବିଧାନ ମତେ ଯଜ୍ଞ ପ୍ରଭୃତିରେ ଅଗ୍ନି ପୂଜା କରିବା ଅନେକାଂଶରେ ବ୍ୟାହତ ହୋଇଛି । ତଥାପି ଆର୍ଯ୍ୟ ସଭ୍ୟତାରେ ଅଗ୍ନି ଦେବତାଙ୍କର ରହିଛି ସ୍ୱତନ୍ତ୍ର ସ୍ଥାନ । ଏପରିକି ବୈଦିକ ରୀତିର ପ୍ରତ୍ୟେକ ଆର୍ଯ୍ୟ ପାଇଁ ଆଜି ମଧ୍ୟ ଆବଶ୍ୟକ ପଡୁଛି – ହୋମ ତଥା ଅଗ୍ନିପୂଜା ।

*ଦକ୍ଷିଣ ରାଢ଼ଙ୍ଗ, ବଳଗାଁ, ପୁରୀ,*
*ଦୂରଭାଷ : ୯୭୭୬୮୨୫୦୯୪*

# ନିଦରେ ଝଟକା : ହାଇପନିକ୍ ଜର୍କ



ଡାକ୍ତର ସମ୍ରାଟ କର

ସେଦିନ କୁହୁଡ଼ିଭରା ସକାଳୁ ବେଶ କ୍ଷିପ୍ର ଭାବେ ଉଦାସ ମନ ନେଇ ଲିପିକାର ଅନୁଜ ପ୍ରତୀମ ଶ୍ରୀକାନ୍ତ ତାଙ୍କର ଜଣେ ବନ୍ଧୁଙ୍କ ସମସ୍ୟା ବିଷୟରେ କହିଲେ । ତାଙ୍କ ବନ୍ଧୁଜଣେ ବହୁରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରନ୍ତି କିନ୍ତୁ କିଛି ଦିନ ହେଲାଣି ଠିକ ଭାବେ ତାଙ୍କୁ ନିଦ ହୋଇନଥାଏ ଏବଂ ତାଙ୍କୁ ବେଳେବେଳେ ଝଟକା ଲାଗିଲା ପରି ଅନୁଭବ କଥା ମଧ୍ୟ ସେ କୁହନ୍ତି । ମୁଁ ତାଙ୍କୁ କହିଲି ଆପଣ ଗଭୀର ନିଦରେ ଶୋଇଥିବା ସମୟରେ କେବେ ଏପରି ଅନୁଭବ ହୋଇଛି, ଆପଣ ତଳକୁ ଖସି ପଡୁଥିବେ ଏବଂ ନିଜକୁ ସମ୍ଭାଳିବାକୁ ଚେଷ୍ଟା କରୁଥିବେ । ଏହାପରେ ହଠାତ୍ ଏକ ଝଟକା ଅନୁଭବ କରିବେ । ଏହା ବହୁତ ଲୋକଙ୍କ ସହିତ ହୋଇଥାଏ । କିନ୍ତୁ କେବେ ଭାବିଛନ୍ତି ଏହା କାହିଁକି ହୋଇଥାଏ ? ନିଦରେ ଏପରି ଅନୁଭବ କରିବା ସ୍ଥିତିକୁ କୁହାଯାଇଥାଏ ହାଇପନିକ୍ ଜର୍କ । ଏହା ଶୋଇବା ଏବଂ ଜାଗ୍ରତ ମଧ୍ୟରେ ଥିବା ଅବସ୍ଥା । ଏଥିରେ ଜଣେ ବ୍ୟକ୍ତି ନା ପୁରା ନିଦରେ ଥାଏ ଏବଂ ନା ପୁରା ଚେଇଁ ରହିଥାଏ । ନିଦର ପ୍ରଥମ ସୋପାନରେ ଏହି ଝଟକା ଅନୁଭବ ହୋଇଥାଏ, ଯେତେବେଳେ ହାର୍ଟର ଗତି ଏବଂ ଶ୍ୱାସକ୍ରିୟା ମନ୍ଥର ହୋଇଥାଏ । ହାଇପନିକ ଜର୍କ କୌଣସି ରୋଗ କିମ୍ବା ନର୍ଭସ୍ ସିଷ୍ଟମ ଡିସଅର୍ଡ଼ର ନୁହେଁ । ରିସର୍ଚ୍ଚ ଅନୁସାରେ, ଶୋଇବା ସମୟରେ ଝଟକା ଅନୁଭବ ହେବା ସାଧାରଣ କଥା । ପ୍ରାୟ ୬୦ରୁ ୭୦ ପ୍ରତିଶତ ଲୋକ ଏହା ଅନୁଭବ କରିଥାନ୍ତି । ନିଦ ଆସିବାର କିଛି ଘଣ୍ଟାରେ ଏପରି ଝଟକା ଆସିପାରେ । ଅନେକେ ଏହା ହାଇପନିକ ଜର୍କ ବୋଲି ଜାଣିପାରନ୍ତି ନାହିଁ । ଶରୀରକୁ ଝଟକା ସେତେବେଳେ ଲାଗିଥାଏ ଯେତେବେଳେ ନିଦରେ ବ୍ୟକ୍ତି ସ୍ୱପ୍ନ ଦେଖିଥାଏ କିମ୍ବା ମନରେ କୌଣସି ଦ୍ୱନ୍ଦ ଥାଇ ନିଦ ଆସିଥାଏ । ବୈଜ୍ଞାନିକମାନେ ହାଇପନିକ ଜର୍କ ହେବା ପଛରେ ଅଲଗା ଅଲଗା କାରଣ କହିଥାନ୍ତି । କିନ୍ତୁ ଏହାର ମୁଖ୍ୟ କାରଣ ଆଜିର ସମୟରେ ଚିନ୍ତା ଏବଂ ଅବସାଦ । ଏହା ବ୍ୟତୀତ ପର୍ଯ୍ୟାପ୍ତ ନିଦର ଅଭାବ, ବିଳମ୍ବିତ ରାତି ଯାଏ କାମ କରିବା, ଟିଭି ଏବଂ ଫୋନ ଦେଖିବା ମଧ୍ୟ ଏହି ସମସ୍ୟାକୁ ବଢ଼ାଇଥାଏ । ବେଳେ ବେଳେ ସନ୍ଧ୍ୟାରେ ଅଧିକ ଶାରୀରିକ ପରିଶ୍ରମ କରିବା ମଧ୍ୟ ହାଇପନିକ ଜର୍କର କାରଣ ହୋଇପାରେ । ଶରୀରରେ କ୍ୟାଲସିୟମ, ଆଇରନ ଏବଂ ମ୍ୟାଗ୍ନେସିୟମ ଅଭାବରୁ ବି ଏହା ହୋଇଥାଏ । ହାଇପନିକ ଜର୍କରୁ ବଞ୍ଚିବା ପାଇଁ ଆଠଘଣ୍ଟା ଶୋଇବା ଦରକାର । ଶୋଇବା ପୂର୍ବରୁ ଉଷୁମ ପାଣିରେ ଗାଧୋଇ ଶୋଇଲେ ଭଲ ନିଦ ଆସିଥାଏ । ଏହା ସେପରି ବଡ଼ ମାନସିକ ସମସ୍ୟା ନହେଲେ ବି ଏହାକୁ ପ୍ରାଥମିକ ଭାବେ ନିଜେ ଏକ ଭଲ ରୁଟିନ ଜୀବନ ତିଆରି ନକଲେ ପରବର୍ତ୍ତୀ ସମୟରେ ଏହା ମାନସିକ ଅବସାଦର ଜଟିଳ ରୂପ ବି ନେଇପାରେ । ନିଶାଦ୍ରବ୍ୟ ସେବନ ଠାରୁ ସକାଳୁ କିଛି ଯୋଗ ପ୍ରାଣାୟମ, ପ୍ରାତଃ ଭ୍ରମଣ ସବୁଠୁ ଭଲ । ଯଥା ସମ୍ଭବ ସୁଷମ ଖାଦ୍ୟ ଖାଆନ୍ତୁ, ଚିନ୍ତିତ ନରହିବା ପାଇଁ ଚେଷ୍ଟା କରନ୍ତୁ, ବନ୍ଧୁ ମାନଙ୍କ ସହ ବେଶ ମନଖୋଲା ସମ୍ପର୍କ ରଖନ୍ତୁ ଏକ ମୁକ୍ତ ଜୀବନ ବିତାଇବା ପାଇଁ ଭଲ ରୁଟିନଟି ନିଜେ ତିଆରି ଜୀବନକୁ ଆଗେଇ ନେଲେ ଏଥିରୁ ଆପଣ ନିରାକରଣ ପାଇପାରିବେ ।

*ମାନସିକ ରୋଗ ବିଶେଷଜ୍ଞ,*
*ଦି’ବ୍ରେନ୍, ପୁରୀଘାଟ ରୋଡ଼, କଟକ,*
*ଦୂରଭାଷ : ୯୧୩୨୪୩୩୩୩୩*

# ବାଳକ ରାମ ଓ ତାଙ୍କ ପ୍ରଶ୍ନ



ଗୋପାଳ ମହାପାତ୍ର

ଆମେ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ହୋଇଛି । ବାଳକ ରାମଙ୍କର ପ୍ରାଣ ପ୍ରତିଷ୍ଠା ମଧ୍ୟ ହୋଇଛି । ସମାବେଶ ନୁହେଁ ବିଦେଶରେ ମଧ୍ୟ ଏଥିପାଇଁ ଆନନ୍ଦ ଉତ୍ସାହ ଦେଖାଦେଇଛି । ଦେଶ ଏବେ ରାମମୟ । ଏହିଭଳି ସମୟରେ ମର୍ଯ୍ୟଦା ପୁରୁଷୋ   ମ ରାମ ମଧ୍ୟ ଏ ଦେଶର କିଛି ଲୋକଙ୍କୁ ସ୍ୱପ୍ନରେ ଦେଖା ଦେଇଛନ୍ତି ଓ କେତେକ ପ୍ରଶ୍ନ ମଧ୍ୟ କରିଛନ୍ତି । ବାଳକ ରାମ ତାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପରେ ଦେଶର କିଛି ମୁଖ୍ୟମାନଙ୍କୁ ସ୍ୱପ୍ନରେ ଦେଖାଦେଇ ପ୍ରଶ୍ନ କରିଥିବେ ନିଶ୍ଚୟ । ସେଇସବୁ ପ୍ରଶ୍ନକୁ ନେଇ ଅନେକ ମନରେ ଅନେକ କଥା ଉଙ୍କି ମାରୁଛି । କଥାଟା ଟିକିଏ ଅଡୁଆ ଲାଗୁଥିବ ନିଶ୍ଚୟ, ହେଲେ ଲୋକଙ୍କର ଏ ବାବଦରେ ଜାଣିବାର ଅଧିକାର ମଧ୍ୟ ରହିଛି । ଏକଥା ଏବେ ଚିନ୍ତା କରିବା ଉଚିତ୍ ନୁହେଁ ଯେ ରାମରାଜ୍ୟ ପ୍ରଥମେ ଅଯୋଧ୍ୟାରେ ଆସିଥିଲା ନା ତା’ ପୂର୍ବରୁ ଉ   ର ପ୍ରଦେଶରେ ଆସିଥିଲା ଯାହାର ପ୍ରମାଣପତ୍ର ଏବେ ଦେଶର ପ୍ରଧାନମନ୍ତ୍ରୀ ବା  ିବାରେ ଲାଗିଛନ୍ତି । ଏକଥା ମଧ୍ୟ ଭୁଲିଯିବା ଉଚିତ୍ ଯେ ବାଲ୍ମୀକି ରାମାୟଣରେ ଯେଉଁ ରାମରାଜ୍ୟର ପରିକଳ୍ପନା କରାଯାଇଛି ତଦନୁସାରେ ରାମଙ୍କ ରାଜ୍ୟରେ ଦୁଃଖ, ଶୋକ ନଥିଲା । କାରଣ ସେଠାରେ ସମସ୍ତେ ଆନନ୍ଦରେ କାଳାତିପାତ କରୁଥିଲେ । ସେଠାରେ ହିଂସା ଦ୍ୱେଷ ମଧ୍ୟ ନଥିଲା । ରାମ ମନ୍ଦିରର ପ୍ରତିଷ୍ଠା ଓ ବାଳକ ରାମଙ୍କ ପ୍ରାଣ ପ୍ରତିଷ୍ଠା ପୂର୍ବରୁ ଦେଶର ପ୍ରଧାନମନ୍ତ୍ରୀ କେବଳ ଫଳାହାର କରି ସାରା ଦେଶର ବିଶିଷ୍ଟ ଅତିଥି ସବୁ ଯାଇଥିଲେ ଓ ଜୀଉମାନଙ୍କୁ ଦର୍ଶନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସେସବୁ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବାର ଫଟୋ ଅନେକ ଜାତୀୟ ଓ ରାଜ୍ୟସ୍ତରୀୟ ଖବରକାଗଜରେ ପ୍ରକାଶ ପାଇଥିଲା । ସାରା ଦେଶରେ ଗୋଟିଏ ସ୍ଲୋଗାନ ଥିଲା ପ୍ରଭୁ ଶ୍ରୀରାମ ଆସୁଛନ୍ତି । ଏହାର ସିଧାସଳଖ ଅର୍ଥ ଯେ ପୂର୍ବରୁ ଦେଶରେ ଶ୍ରୀରାମଙ୍କର ଅସ୍ତିତ୍ୱ ନଥିଲ । ପାଖାପାଖି ୭୫ ବର୍ଷ କାଳ ପ୍ରଭୁ ଏକ ତମ୍ବୁ ତଳେ ବିରାଜମାନ କରୁଥିଲେ । ପଣ୍ଡିତ ଲାଲ ଦାସ ତାଙ୍କର ପୂଜାର୍ଚ୍ଚନା କରୁଥିଲେ, ଯାହାଙ୍କୁ ପରେ ହତ୍ୟା କରାଯାଇଥିଲା । କିନ୍ତୁ ଏବେ ମନ୍ଦିରରେ ବିରାଜମାନ କରୁଥିବା ବାଳକ ରାମ ହେଉଛନ୍ତି ମେଙ୍ଗଲୁରର ଜଣେ ଶିଳ୍ପକାର ଅରୁଣ ଯୋଗୀରାଜଙ୍କ ପରିକଳ୍ପନା । ତମାମ୍ ଜାତୀୟ ସ୍ତରର ଟିଭି ଚାନେଲ୍‌ରେ ପ୍ରସାରିତ ହେଲା ଯେ, ପ୍ରଭୁ ଶ୍ରୀରାମ ପ୍ରଧାନମନ୍ତ୍ରୀଙ୍କ ଆଙ୍ଗୁଠି ଧରି ଅଯୋଧ୍ୟାର ରାମ ମନ୍ଦିରକୁ ଆସିଲେ ଓ ଖୋଦ୍ ପ୍ରଧାନମନ୍ତ୍ରୀ ତାଙ୍କର ଜୀବନ୍ୟାସ କଲେ । ପ୍ରାଣ ପ୍ରତିଷ୍ଠାର ଯଜମାନ ଡକ୍ଟର ଅନୀଲ ମିଶ୍ର ଓ ତାଙ୍କ ପତ୍ନୀ ଉଷା ମିଶ୍ର ବିଧିବିଧାନ ଦେଖି ଚକିତ ହୋଇଥିବେ ନିଶ୍ଚୟ, କାରଣ ଟିଭି ଚାନେଲ୍‌ମାନଙ୍କର କ୍ୟାମେରାରେ କେବଳ ପ୍ରଧାନମନ୍ତ୍ରୀ ହିଁ ଥିଲେ ।

ସିନ୍ଧୁ ନଦୀ ଉପତ୍ୟକାର ଏହି ସଭ୍ୟତାର ୫ ହଜାର ବର୍ଷର ଇତିହାସକୁ ଦେଖିଲେ ସ୍ପଷ୍ଟ ଯେ, କୃଷି ପ୍ରଧାନ ଦେଶ ଭାବରେ ସବୁବେଳେ ଉତ୍ସବ ଲାଗି ରହିଥାଏ । ଉତ୍ସବରେ ଖାଦ୍ୟ ପାନୀୟ, ଗୀତ ସଂଗୀତ, ଲୋକଙ୍କ ମେଳ ଏବଂ ଅନେକ ଗତିବିଧି ଲାଗି ରହିଥାଏ । କିନ୍ତୁ ପ୍ରଭୁ ବାଳକରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ କେମିତି ରାଜନୀତିକରଣ ହେବାଭଳି ଲାଗୁଥିଲା । ଏହି ଉତ୍ସବକୁ ଦେଖିବା ପରେ ଅନେକଙ୍କ ମତ ଯେ, ଭାରତ ଏବେ ଉତ୍ସବ ସହ ଇଭେ   ପ୍ରେମୀ ଦେଶ ହୋଇଯାଇଛି, ଯେଉଁଠି ସବୁ ଆୟୋଜନର ଏକ ବିଶେଷ ପ୍ରୟୋଜନ ରହିଥାଏ । ଏକଥା ଅବତାରଣା କରିବାର ଉଦ୍ଦେଶ୍ୟ ହେଉଛି ପ୍ରଭୁ ଶ୍ରୀରାମଙ୍କୁ ପ୍ରଧାନମନ୍ତ୍ରୀ ଦକ୍ଷିଣ ଭାରତର ଏକ ଶହରରୁ ଆଣିଛନ୍ତି । ଏହି ବାଳକରାମ ସେଇ ୭୫ ବର୍ଷ ତମ୍ବୁ ତଳେ ବିରାଜିତ ଥିବା ରାମ ନୁହଁନ୍ତି । ଅନ୍ୟ ପକ୍ଷରେ କେନ୍ଦ୍ରର ଏମିତି କେହି ମନ୍ତ୍ରୀ ନାହାନ୍ତି ଯିଏ ନ କହିଛି ଯେ ବିଗତ ୭୫ ବର୍ଷ ମଧ୍ୟରେ ଦେଶରେ କିଛି ହୋଇନଥିଲା । କିନ୍ତୁ ୭୫ ବର୍ଷ ତମ୍ବୁରେ ବିରାଜମାନ କରୁଥିବା ରାମଲାଲା ମନ୍ଦିର ନିର୍ମାଣ କରିଥିବା କମ୍ପାନୀ ଲାର୍ସନ ଆଣ୍ଡ ଟୁବ୍ରୋ ଏବଂ ଏହାର ଡିଜାଇନ୍ କରିଥିବା ମୁମ୍ବାଇ ଆଇଆଇଟି ବାବଦରେ ଜାଣନ୍ତି । ଲାର୍ସନ ଆଣ୍ଡ ଟୁବ୍ରୋ କମ୍ପାନୀ ୨୦୨୦ ମସିହାରେ ନିର୍ମାଣ କାର୍ଯ୍ୟ ନିଃଶୁଳ୍କ ଭାବେ କରିବାକୁ ରାଜିଥିଲା । ଅସମର୍ଥିତ ସୂତ୍ରରୁ ଜଣାପଡ଼ିଛି ଯେ, ଲାର୍ସନ ଆଣ୍ଡ ଟୁବ୍ରୋ କମ୍ପାନୀ ସହ ମନ୍ଦିର ଟ୍ରଷ୍ଟର ମହାସଚିବ ଚମ୍ପତ ରାୟ ଯୋଗାଯୋଗ କରିଥିଲେ । କଥାଥିଲା କର୍ଣ୍ଣାଟକରେ ଲାର୍ସନ ଆଣ୍ଡ୍ ଟୁବ୍ରୋକୁ କୋଟି କୋଟି ଟଙ୍କାର ଟିକସ ଛଡ଼ାଯିବା ଓ ତା ବଦଳରେ ସିଏ ମନ୍ଦିର ନିର୍ମାଣ କରିବେ । କିନ୍ତୁ ଏବେ ଗଙ୍ଗାଧାମରେ ପ୍ରକାଶ ପାଉଛି ଯେ, ମନ୍ଦିର ନିର୍ମାଣରେ ୧୮୦୦ କୋଟି ଟଙ୍କା ବ୍ୟୟ ହୋଇଛି । ମନ୍ଦିର ନିର୍ମାଣ ପାଇଁ ୩୫୦୦ କୋଟି ଟଙ୍କାର ଚାନ୍ଦା ମିଳିଛି । ଅର୍ଥାତ୍ ମିଳିଥିବା ଚାନ୍ଦାର ଅଧାରୁ କିଛି ଅଧିକ ଖର୍ଚ୍ଚରେ ମନ୍ଦିର ନିର୍ମାଣ ହୋଇଛି ।

ଏହିସବୁ ପରିସ୍ଥିତିରେ ବାଳକରାମ ଆସିଛନ୍ତି ଓ ପ୍ରଭୂଙ୍କର ପ୍ରାଣ ପ୍ରତିଷ୍ଠା ହୋଇଛି । ଅର୍ଥାତ୍ ଅନ୍ତର୍ଯ୍ୟାମୀ ଈଶ୍ୱର ଯିଏ ବାଳକରାମଙ୍କ ମୂ  ିରେ ବିଦ୍ୟମାନ ସିଏ ସର୍ବଜ୍ଞାତା ତାଙ୍କର ପ୍ରାଣ ପ୍ରତିଷ୍ଠା ହୋଇଛି । ପ୍ରଭୁଙ୍କର ସ୍ୱରୂପ ୫ ବର୍ଷର ଶିଶୁଭଳି । ଏହି ପ୍ରଭୁ ବାଳକରାମ ପ୍ରାଣ ପ୍ରତିଷ୍ଠା ପରେ ନିଶ୍ଚିତ ଭାବେ ତାଙ୍କ ପାଇଁ ବ୍ୟୟ ହୋଇଥିବା ଅର୍ଥ ବାବଦରେ ଜ୍ଞାତ ଅଛନ୍ତି । ଏପରିକି ଭାରତର ଆର୍ଥିକ ସ୍ଥିତି ବାବଦରେ ତାଙ୍କୁ ଜଣାଅଛି ନିଶ୍ଚୟ । ପ୍ରଭୂ ଦେଶରେ ଥିବା ଅସମାନତା ଏବଂ ଧର୍ମ ନାମରେ ଚାଲିଥିବା ରାଜନୀତିକୁ ମଧ୍ୟ ଦେଖୁଛନ୍ତି ଏବଂ ଦେଖିଛନ୍ତି । ଏଣୁ ଯେଉଁ ବାଳକରାମଙ୍କର ପ୍ରାଣ ପ୍ରତିଷ୍ଠା ହେଲା ସେଇ ପ୍ରଭୁ ଏସବୁ କଥା ଦେଖିବା ପରେ ତାଙ୍କ ମନରେ କୌତୁହଳ ପ୍ରକାଶ ପାଇଥିବ ନିଶ୍ଚୟ । କାରଣ ପ୍ରଭୁ ତାଙ୍କ ସମୟର ରାମରାଜ୍ୟ ଓ ବ  ମାନର ରାମରାଜ୍ୟ ଭିତରେ ଫରକ୍ ଦେଖିଛନ୍ତି । ବିଶେଷକରି ଦେଶରେ ଗରୀବ, ଦଳିତ, ମହିଳାଙ୍କ ସ୍ଥିତି ଯାହା ତାଙ୍କ ରାମରାଜ୍ୟରେ ନଥିଲା ବୋଲି ବର୍ଣ୍ଣିତ ଅଛି । ପ୍ରଭୁ ବାଳକ ରାମଙ୍କ ମନରେ କୌତୁହଳ ପରେ ଏସବୁ ବାବଦରେ ଜାଣିବା ପାଇଁ ଜିଜ୍ଞାସା ରାମଙ୍କ ମନରେ ପ୍ରଭୁ ଦେଶର ମୁଖ୍ୟମାନଙ୍କୁ ପ୍ରଶ୍ନ କରିଥିବେ ଓ ଦେଶର ମୁଖ୍ୟମାନେ ପ୍ରଭୁଙ୍କୁ ଉ   ର ମଧ୍ୟ ଦେଇଥିବେ ।

ବାଳକ ରାମ କ’ଣ ପ୍ରଶ୍ନ କରିଥିବେ ? ଦେଶର ମୁଖ୍ୟମାନଙ୍କୁ ପ୍ରଭୂ ନିଶ୍ଚୟ ପ୍ରଶ୍ନ କରିଥିବେ ଯେ, ଟିକସ ବାବଦରେ ଆସୁଥିବା ୧୦୦ ଟଙ୍କାରୁ ଗରୀବ ଲୋକଙ୍କ ପାଖରୁ ୪୨ ଟଙ୍କା, ମଧ୍ୟମବର୍ଗଙ୍କଠାରୁ ୨୬ ଟଙ୍କା, ଧନୀକଙ୍କ ଠାରୁ ୨୬ ଟଙ୍କା ଏବଂ ବାକି ୬ ଟଙ୍କା ଅନ୍ୟ ସ୍ରୋତରୁ ଆଦାୟ କରାଯାଉଛି । ହେଲେ ପୂର୍ବରୁ ସରକାର ଗରୀବଙ୍କଠାରୁ ୨୮ ଟଙ୍କା ଓ ଧନୀକଙ୍କ ଠାରୁ ୩୮ ଟଙ୍କା ଅସୁଲ କରୁଥିଲେ । ଆପଣମାନେ ଟିକସ ଢ଼ା  ।କୁ ବଦଳେଇଲେ କାହିଁକି ? ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଦେଶର ଅତି ବିଶିଷ୍ଟ ବ୍ୟକ୍ତି (ଭିଭିଆଇପି) ୬ ହଜାରରୁ ଅଧିକ ଯୋଗ ଦେଇଥିଲେ । ଏମାନଙ୍କ ମଧ୍ୟରୁ ଅନେକଙ୍କ ନାମରେ ଦୁର୍ନୀତିର ଅଭିଯୋଗ ରହିଛି । ଏମାନେ ଅତି ବିଶିଷ୍ଟ ବ୍ୟକ୍ତି ହେଲେ କିପରି ? ପ୍ରଭୂ ଆଉ ଏକ ପ୍ରଶ୍ନ ନିଶ୍ଚୟ କରିଥିବେ । ଆଦାୟ କରାଯାଉଥିବା ଟିକସ ଅର୍ଥରୁ ଲୋକଙ୍କ ଭଲ ପାଇଁ ୧୮ ପ୍ରତିଶତ ଖର୍ଚ୍ଚ କରୁଥିବା ବେଳେ ୧୫ ପ୍ରତିଶତ ପୁଞ୍ଜିଗତ କାମ ପାଇଁ ଓ ୩ ପ୍ରତିଶତ ବଡ଼ ବଡ଼ ପ୍ରକଳ୍ପ ମାଧ୍ୟମରେ କର୍ପୋରେଟ୍ ସଂସ୍ଥା ଆଡ଼କୁ ଠେଲି ଦେଉଛନ୍ତି କାହିଁକି ? ପୂର୍ବର ସରକାର ଲୋକଙ୍କ ଭଲ ପାଇଁ ଟିକସ ବାଦ ଅର୍ଥର ୨୧ ପ୍ରତିଶତ ବ୍ୟୟ କରୁଥିଲେ । ଲୋକଙ୍କ ହିତ ପାଇଁ କମ୍ ବ୍ୟୟ କରାଯାଉଛି କାହିଁକି ? ପ୍ରଭୂ ଶ୍ରୀରାମ ନିଶ୍ଚୟ ଏମାନଙ୍କୁ କହିଥିବେ ଯେ, ତୁମେମାନେ କ’ଣ ମୋ ରାମରାଜ୍ୟ ସମୟର କଥା ବାଲ୍ମୀକି ରାମାୟଣରୁ ଜାଣିନ ? ମୋ ରାମରାଜ୍ୟରେ ପ୍ରଜାଙ୍କ ସ୍ଥିତି କ’ଣ ଥିଲା ସେକଥା ବାଲ୍ମୀକି ରାମାୟଣରୁ ପଢ଼ । ବାଳକ ରାମଙ୍କ ପ୍ରଶ୍ନର ଉ   ର କ’ଣ ଦିଆଯାଇଥିଲା ତାହା ସମସ୍ତେ ଜାଣ । ଉ   ର ଦେଉଛନ୍ତ ସେଇସବୁ ପ୍ରଶ୍ନ ପ୍ରଭୁ ଶ୍ରୀରାମ ପଚାରିଛନ୍ତି । ପ୍ରଭୁଙ୍କର ଏସବୁ ପ୍ରଶ୍ନରେ ଅନେକଙ୍କର ଚିନ୍ତା ବଢ଼ିଯାଇଥିବ । କାରଣ ପ୍ରଭୁ ଏବେ ବାଳକ ଅଛନ୍ତି ଆଗାମୀ ଦିନରେ ପରିପକ୍ୱ ହେବେ ଏବଂ ତାଙ୍କ ମନରେ ଆହୁରି ଅନେକ ପ୍ରଶ୍ନ ଉଙ୍କି ମାରିବ ଓ ପ୍ରଭୁ ପ୍ରଶ୍ନ ମଧ୍ୟ କରିବେ । ସେତେବେଳେ ଦେଶ କ’ଣ ଆଉ ଏକ ଉତ୍ସବ, ଆଉ ଏକ ପର୍ବର ଆୟୋଜନ କରିବ ?

*ରାମଚନ୍ଦ୍ରପୁର, ରଣପୁର*
*ମୋ-୯୪୩୮୪୮୫୦୯୪*

# ସନାତନ ଧର୍ମ



ଅନୀତା ପଟ୍ଟନାୟକ

ଗୋଟିଏ ରାଜ୍ୟରେ ଅନେକ ଧର୍ମାବଲମ୍ବୀ ଲୋକମାନେ ରହୁଥିଲେ । ଯଥା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଜେରାଷ୍ଟ୍ରିଆନ, ବୌଦ୍ଧ ଇତ୍ୟାଦି । ସେମାନଙ୍କ ମଧ୍ୟରେ ସୁସମ୍ପର୍କ ଥିଲା । ବହୁବର୍ଷ ତଳେ ଅନେକ ବିଧର୍ମୀ ରାଜା ସେ ରାଜ୍ୟକୁ ଆକ୍ରମଣ କରିଥିଲେ ଓ ଲୁଣ୍ଠନ କରିଥିଲେ । ସେମାନଙ୍କର ରାଜତ୍ୱ ସମୟରେ ଅନେକ ମନ୍ଦିରକୁ ଭାଙ୍ଗି ତା ଉପରେ ମସଜିଦମାନ ଗଢ଼ି ତୋଳିଥିଲେ । ଧୀରେ ଧୀରେ ଖ୍ରୀଷ୍ଟିଆନଧର୍ମୀ ଲୋକମାନେ ବ୍ୟବସାୟ କରିବାକୁ ଆସି ସେ ରାଜ୍ୟ ଉପରେ ରାଜତ୍ୱ କଲେ । ବୌଦ୍ଧ ଧର୍ମର ବହୁଳ ପ୍ରଚାର ସେ ସମୟରେ ଥିବାରୁ ହିନ୍ଦୁଧର୍ମର ଲୋକମାନେ ସେମାନଙ୍କ ଉପରେ ହୋଇଥିବା ନିର୍ଯାତନାକୁ ଭୁଲି ଅହଂସା ପରମ ଧର୍ମ ରୀତିରେ ନିଜକୁ ବ୍ରତୀ କରାଇଥିଲେ । ସେହିରାଜ୍ୟ ବିଦେଶୀ ହାତରୁ ସ୍ୱାଧୀନତା ପାଇଲା । ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ ସେହି ସ୍ୱାଧୀନତା ସଂଗ୍ରାମର ନାୟକ ହେଲେ । ଅହିଂସାକୁ ବ୍ରତ କରି ବିନା ଅସ୍ତ୍ରରେ ଓ ରକ୍ତପାତରେ ସେ ବିଦେଶୀ ଶାସନରୁ ଉକ୍ତ ରାଜ୍ୟକୁ ସେ ସ୍ୱାଧୀନତା ଦେଇପାରିଥିଲେ । ସେହି ବ୍ୟକ୍ତିତ୍ୱଙ୍କର ନେତୃତ୍ୱରେ ଯେଉଁ ଦଳ ଶାସନ ପାଇଁ ଗଠିତ ହେଲା ସବୁ ପଛ କଥାକୁ ଭୁଲି, ନିର୍ଯାତନା ଓ ଲୁଣ୍ଠନକୁ ଭୁଲି ମନ୍ଦିର ଉପରେ ବା ମନ୍ଦିର ସଂଲଗ୍ନ ମସଜିଦ ଗୁଡ଼ିକୁ ଗୋଟିଏ ଗୋଟିଏ ସ୍ମୃତିପୀଠ ଭାବେ ପରିଗଣିତ କରାଇବାକୁ ଚେଷ୍ଟା କଲେ ଓ ସେ ସଂକ୍ରାନ୍ତରେ ଆଇନ ପ୍ରଣୟନ କଲେ । ଏହିପରି ଭାବେ ଆହୁରି ସତୁରୀ ପଞ୍ଚସ୍ତରୀ ବର୍ଷ ବିତିଗଲା । ଲୋକମାନଙ୍କର ମାନସ ଚକ୍ଷୁରୁ ଲୁଣ୍ଠନ, ମନ୍ଦିରଭଙ୍ଗା, ପ୍ରଭୃତି ଲୁପ୍ତହୋଇ ଗୋଟିଏ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ବଞ୍ଚିବାର ପରିବେଶ ସୃଷ୍ଟି ହେଲା । ରାଜ୍ୟରେ ଧୀରେ ଧୀରେ ଅନେକ ଛୋଟବଡ ରାଜନୈତିକ ଦଳ ଗଢ଼ି ଉଠିଲେ । ରାଜନୈତିକ ଫାଇଦା ପାଇଁ ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ମସଜିଦକୁ ଭାଙ୍ଗି ମନ୍ଦିର ପ୍ରତିଷ୍ଠା କରିବା ପାଇଁ ଚେଷ୍ଟିତ ହେଲେ । ଶାସକ ଦଳ ଏହାକୁ ଇତିହାସର ସ୍ମୃତିର ସମ୍ମୁଖୀନ ହେଲେ । ବିରୋଧୀଦଳ ନିଜକୁ ସନାତନ ଧର୍ମୀ ବୋଲି ଅନେକ ସାଧୁସନ୍ଥଙ୍କ ସହ ମିଶି ନିଜର ହକ ଜାହିର କଲେ । ଏହି ସମୟରେ ଅନେକ ବକ୍ତୃତା, ରଚନା ପ୍ରତିଯୋଗିତା ଓ ଦୁଇ ଦର୍ଶନରେ ଆଲୋଚନା ଆରମ୍ଭ ହୋଇଗଲା । ଶାସକ ଦଳ ପ୍ରଚାର କରିବାକୁ ଚାହୁଁଥିଲେ ଆମେ ସମସ୍ତେ ଈଶ୍ୱରଙ୍କର ପୁତ୍ର । ଈଶ୍ୱର ଏକ ବିଭିନ୍ନ ଧର୍ମ, ବିଭିନ୍ନ ଧର୍ମ ପ୍ରବର୍ତ୍ତକଙ୍କ ଦ୍ୱାରା ସୃଷ୍ଟ । ସେହି ଈଶ୍ୱରଙ୍କୁ ପାଇବା ପାଇଁ ବିଭିନ୍ନ ପ୍ରବର୍ତ୍ତକମାନେ ସେହି ଈଶ୍ୱରଙ୍କ ଜ୍ଞାନପାଇ କେବଳ ବିଭିନ୍ନ ରାସ୍ତା ଦ୍ୱାରା ଈଶ୍ୱରଙ୍କର ଅସ୍ତିତ୍ୱକୁ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ । ତେଣୁ କୌଣସି ଧର୍ମ ଅଲଗା ନୁହେଁ, ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣର ଜ୍ଞାନମାତ୍ର ମନ୍ଦିର, ମସଜିଦ, ଗୀର୍ଜା, ପାଗୋଡ଼ା, ବୌଦ୍ଧସ୍ତୁପ କେବଳ ଈଶ୍ୱର ସତ୍ତାର ପ୍ରତୀକମାତ୍ର । ମୋ କଲେଜର ଅଧ୍ୟକ୍ଷ ଗୋଟିଏ ବକ୍ତୃତା ପ୍ରତିଯୋଗିତାରେ ମତେ ବିଚାରକ ହେବାକୁ କହିଲେ । ବିଷୟ ରଖିଲେ ସନାତନଧର୍ମ । ଏହି ବିଷୟଟି ଏତେ ବ୍ୟାପକ ଥିଲା ଯେ ମୁଁ ବିଚାରକ ଭାବେ ତିନିଜଣ ପ୍ରତିଯୋଗୀଙ୍କୁ ପ୍ରଥମ ଘୋଷଣା କରିଦେଇଥିଲି । ଏଥିରେ ଅଧ୍ୟକ୍ଷ ମୋ ଉପରେ କ୍ଷୁବ୍ଧ ହୋଇଥିଲେ । ପାଠକ, ପାଠିକା ଏହାକୁ ପଢ଼ି ଏ ବିଷୟରେ ଚିନ୍ତା କରି ମୁଁ ଠିକ ବା ଭୁଲ କରିଥିଲି ଏ ବିଷୟରେ ସୂଚନା ଦେଲେ ଚିରଉପକୃତ ହେବି । ସେଦିନ ପ୍ରତିଯୋଗିତାର ପ୍ରଥମ ଛାତ୍ରଥିଲା ବାଳକୃଷ୍ଣ ସେ କହିଲା ‘ସେ ନିଜର ଖୁସି ପାଇଁ ଗୋଟିଏ ଶବ୍ଦରେ ଏ ବିଶ୍ୱକୁ ସୃଷ୍ଟି କରିଦେଲେ । ସେ ପର୍ଯ୍ୟନ୍ତ ତାଙ୍କୁ ଜାଣିବା ପାଇଁ କାହାର ଅସ୍ତିତ୍ୱ ନଥିଲା । ଅସ୍ତିତ୍ୱର ପ୍ରମାଣ ନିମନ୍ତେ ପାହାଡ଼ମା । ମୁଣ୍ଡ ଟେକିଲେ, ମହାଶୂନ୍ୟରୁ ଜାଗ୍ରତ ହେଲା ମହାସାଗର, ଭୂମି, ସୂର୍ଯ୍ୟ, ଚନ୍ଦ୍ର, ମରୁବାଲି ଓ ଜୀବଜଗତ, ମନୁଷ୍ୟ, ପଶୁ, ବିହଙ୍ଗ, ଖେଚର, ଭୂଚର ଓ ଶୃତିଚର ସୃଷ୍ଟି ହେଲେ । ତାଙ୍କର ଆଦେଶରେ ସେମାନେ ସୃଷ୍ଟି ପାଇଲେ । ପ୍ରଥମ ସ୍ଥାନ ଅଧିକାର କଲା ମନୁଷ୍ୟ ମନରେ ତାର ସଂଚାରିତ ହେଲା ତାଙ୍କର ଜ୍ଞାନ । ସେହି ଜ୍ଞାନ ହେଉଛି ସନାତନ ଧର୍ମ ବା ମାନବୀୟ ମୂଲ୍ୟବୋଧ ।

ଦ୍ୱିତୀୟ ବକ୍ତା ଥିଲା ନଚିକେତା । ସେ କହିଲା ଚିନ୍ତାନାୟକ ବା ଦାର୍ଶନିକମାନେ ମୂଲ୍ୟବୋଧକୁ ବିଭିନ୍ନ ପ୍ରକାର ଭାବେ ଅବତାରଣ କରିଛନ୍ତି ଓ ପଞ୍ଚମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଛନ୍ତି । ସେଗୁଡ଼ିକ ହେଲା ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା । ସତ୍ୟ – ବୋଧ ପ୍ରତିଭାର ବିକାଶ ଏବଂ ସମସ୍ୟାର ସମାଧାନ କରେ । ବିଶ୍ଳେଷଣ, ସଂଶ୍ଳେଷଣ ତୁଳନା ଓ ବିରୋଧୀ ତୁଳନା ମାଧ୍ୟମରେ ସତ୍ୟକୁ ବୁଝି ହୋଇଥାଏ । ଧର୍ମକୁ ଆତ୍ମ ସାହାଯ୍ୟକାରୀ ନୈପୁଣ୍ୟର ଅନୁସରଣ, ଯୋଗ ନୈତିକ ଜୀବନ ଯାପନ, ନିଜ ବିଷୟ ଓ ସମ୍ପର୍କିତ ପଟୁତା ଦ୍ୱାରା ବୁଝି ହୋଇଥାଏ । ଶାନ୍ତି ପ୍ରାଣ ଓ ଆବେଗର ଭାରସାମ୍ୟ ଦ୍ୱାରା ସମ୍ଭବ ହୋଇଥାଏ । ପ୍ରେମ ଅନୁକୂଳ ପରିବେଶରେ ଏହା ଆତ୍ମାରୁ ଆସିଥାଏ । ସର୍ବଜନୀନ ପ୍ରେମ ବା ଅହିଂସା ଚେତନ ଓ ଜଡ଼ ସଭାରୁ ଆସିଥାଏ । ଏହି ମୂଲ୍ୟବୋଧ ଦୈହିକ, ବୌଦ୍ଧିକ, ପ୍ରାଣଗତ, ଆବେଗିକ, ଆତ୍ମିକ ଆଧାତ୍ମିକ ବିଭାବ ଶିକ୍ଷାକୁ ପରିପୂର୍ଣ୍ଣ କରୁଥିବାରୁ ଏହାକୁ ସନାତନ ଧର୍ମ ବା ମାନବୀୟ ମୂଲ୍ୟବୋଧ କୁହାଯାଇପାରିବ ।

ତୃତୀୟ ବକ୍ତା ଶୃତିକାନ୍ତ ଥଲା । ସେ କହିଲା ସତ୍ୟ ହେଉଛି ଯାହା ଆଗରୁ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ରହିବ । ତାହା ହେଉଛି ପ୍ରତ୍ୟେକ ବସ୍ତୁରେ ପୁରି ରହିଥିବା ଆତ୍ମତତ୍ତ୍ୱ । ଧର୍ମ ଆମର କର୍ତ୍ତବ୍ୟ । ଅନ୍ୟ ମାନଙ୍କ ପ୍ରତି ସମ୍ମାନ, ତ୍ୟାଗ, ନେତୃତ୍ୱ ଓ ସେବା ସହିତ ଜଡ଼ିତ । ସେହିପରି ଶାନ୍ତି ତୃପ୍ତି, ସଂହତି, ସଂଘର୍ଷ, ଏକାଗ୍ରତା ଅଭ୍ୟାସ ସହ ଜଡ଼ିତ । ପ୍ରେମ ହେଉଛି ବନ୍ଧୁତା, ପ୍ରାର୍ଥନା ଓ ଭକ୍ତି ସହ ଜଡ଼ିତ । ଅହିଂସା ହେଉଛି ମୋ ସହପାଠୀ ମାନଙ୍କ ପ୍ରତି ସହାନୁଭୂତି, ଜୀବେଦୟା, ଅନୁକମ୍ପା, ସର୍ବଜନୀନ ସହାନୁଭୂତି ଓ ଶୁଭେଚ୍ଛା ସହ ଜଡ଼ିତ । ମନୁଷ୍ୟ ଦୈନନ୍ଦିନ ଜୀବନରେ ଏହାକୁ ପାଳନ କରି ପାରିଲେ ସେ ସନାତନ ଧର୍ମ ଓ ମାନବୀୟ ମୂଲ୍ୟବୋଧକୁ ଠିକ ବୁଝିଛି ବୋଲି ଧରାଯିବ । କଣ କରିବି ? ଏପରି ବାଗ୍ମୀତା କେବେ ଦେଖିନଥିଲି ଓ ଶୁଣିନଥିଲି । ସମସ୍ତଙ୍କୁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ କରିଥିବାରୁ ଅଧ୍ୟକ୍ଷ ଦ୍ୱାରା ଭର୍ତ୍ସିତ ହୋଇଥିଲି ।

*ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟର-୧୦,*
*ସିଡିଏ, କଟକ,*
*ଦୂରଭାଷ : ୯୬୯୨୯୮୦୦୨୬*

# ଭେଲେନଟାଇନ ଡେ



କାଳିଦାସ

ଭେଲେନଟାଇନ ଡେ ବିଶ୍ୱ ରେ ପ୍ରାୟ ସବୁ ଦେଶରେ ପାଳନ କରାଯାଏ ।ଜୀବନ ପାଇଁ ପ୍ରେମ ଓ ଭଲପାଇବାର ଆବଶ୍ୟକତା ସବୁବେଳେ ରହିଛି ।ପ୍ରେମ ଭଲପାଇବାକୁ କେନ୍ଦ୍ର କରି କବିତା ଗଳ୍ପ ଓ ଉପନ୍ୟାସ ରଚନା କରାଯାଇଛି ।

୧୫୦୦-୧୬୦୦ ଶତାବ୍ଦୀ ରେ ପ୍ରେମ କୁ ଆଧାର କରି ସେକ୍ସପିଏରଙ୍କ ଉପନ୍ୟାସ ରୋମିଓ ଓ ଜୁଲିଏଟ କୁ ଲେଖାଯାଇଥିଲା ।ଯୁଗ ଯୁଗ ଧରି ପାଠକଙ୍କୁ ଏହି କାହାଣୀ ପ୍ରଭାବିତ କରିଛି ।ସେମିତି ବିଶ୍ୱର ଅନେକ ଭାଷା ରେ ଅନେକ ପ୍ରେମ କାହାଣୀ ଓ ସଂଘର୍ଷ ଲେଖାଯାଇଛି । ମହାଭାରତ ରେ ନଳ ଓ ଦମୟନ୍ତୀଙ୍କ କାହାଣୀ, ପୁରୁରବା ଓ ଉର୍ବଶୀଙ୍କର କାହାଣୀ ସବୁବେଳେ ପାଠକଙ୍କ ମନ କୁ ଛୁଇଁଛି । ଜୀବନ ରେ ଭଲ ପାଇବା ପ୍ରେମ କରିବା ଏକ ସୁନ୍ଦର ଅନୁଭୂତି ।ତେଣୁ ପ୍ରେମ ଓ ଭଲପାଇବା କୁ ବଞ୍ଚାଇ ରଖିବା ପାଇଁ ଯେଉଁ ମଣିଷ ମୃତ୍ୟୁବରଣ କରିଛି ସେହି ମଣିଷ କୁ ମନେ ରଖିବା କଥା । ଭେଲେନଟାଇନ ଡେ କୁ ପାଳନ କରାଯାଏ ସେଣ୍ଟ ଭେଲେନଟାଇନଙ୍କ ସ୍ମୃତି ରେ ଫ୍‌ରେବୃୟାରୀ୧୪ ତାରିଖ ରେ ସେଣ୍ଟ ଭେଲେନଟାଇନଙ୍କୁ ହତ୍ୟା କରାଯାଇଥିଲା । ତେଣୁ ୧୪ ଫେବୃୟାରୀ କୁ “ସେଣ୍ଟ ଭେଲେନଟାଇନ ମାର୍ଟିୟେର ଡେ” ମଧ୍ୟ କୁହାଯାଏ ।ଭେଲେନଟାଇନ ହେଲେ ଜଣେ ଖ୍ରୀଷ୍ଟିୟାନ ସନ୍ଥ ।ସିଏ ଜଣେ କେଥେଲିକ ପାଦ୍ରୀ ଥିଲେ ।ଭେଲେନଟାଇନ ତୃତୀୟ ଶତାବ୍ଦୀ ରେ ରୋମ ରେ ବସବାସ କରୁଥିଲେ ।ସନ୍ଥ ଭେଲେନଟାଇନଙ୍କ ସମୟ ରେ ରୋମର ଅନେକ ଲୋକ ଖ୍ରୀଷ୍ଟ ଧର୍ମଅବଲମ୍ବୀ ହୋଇଯାଇଥିଲେ ସେହି ସମୟ ରେ ରୋମର ସମ୍ରାଟ କ୍ଲାଉଡିସ ୨ ଗୋଟିଏ ନିୟମ କରିଥିଲେ ।ଏହି ନିୟମ ଅନୁସାରେ ରୋମର ସୈନୀକ ମାନଙ୍କର ଗୋଟିଏ କର୍ତ୍ତବ୍ୟ ଥିଲା ତାହା ହେଉଛି ରୋମ ପାଇଁ ନିଜକୁ ଉତ୍ସର୍ଗ କରିବା ଏବଂ କେବେ ବି ବିବାହ ନ କରିବା ।କିନ୍ତୁ ରୋମର ସମ୍ରାଟଙ୍କ ଏହି ଆଦେଶ କୁ ଅବମାନନା କରି ସନ୍ଥ ଭେଲେନଟାଇନ ରୋମର ସୈନ୍ୟ ମାନଙ୍କୁ ଗୋପନ ରେ ବିବାହ କରାଇଥିଲେ ।ସେଥିପାଇଁ ରୋମର ସମ୍ରାଟଙ୍କ ଠାରୁ ତାଙ୍କୁ ମୃତ୍ୟୁ ଦଣ୍ଡ ମିଳିଥିଲା ।ଜେଲ ରେ ଥିଲା ବେଳେ ସନ୍ଥ ଭେଲେନଟାଇନ ଜେଲରଙ୍କ ଅନ୍ଧ ଝିଅ କୁ ଭଲପାଇ ଥିଲେ ଏବଂ ମୃତ୍ୟୁ ପୂର୍ବ ରୁ ଗୋଟିଏ ଚିଠି ରେ ସିଏ ସେହି ଝିଅ ପାଇଁ ଲେଖିଥିଲେ “ତୁମର ଭେଲେନଟାଇନ” ଭେଲେନଟାଇନ ଡେ ଫେବୃୟାରୀ ମାସରେ ପଡିଥାଏ ।ଏହି ସମୟ ରେ ବସନ୍ତ ଋତୁର ଆଗମନ ହୋଇଥାଏ ବସନ୍ତ ଋତୁ ଏକ ରୋମାଞ୍ଚକର ଋତୁ ।ସୁନ୍ଦର ପରିବେଶ ସହିତ ଅନେକ ଫୁଲର ସଂଭାର ନେଇ ବସନ୍ତ ଋତୁ ଆସିଥାଏ ।ତେଣୁ ଭଲପାଇ ଥିବା ଯୁଗଳଙ୍କ ପାଇଁ ପରିବେଶ ବେସ ଅନୁକୂଳ ହୋଇଥାଏ ।ଅନେକ ଖ୍ରୀଷ୍ଟିୟାନଙ୍କ ପାଇଁ ଭେଲେନଟାଇନ ଡେ ହେଉଛି ଫିଷ୍ଟ ଡେ ବା ଭୋଜିଭାତର ଦିନ ।ଅନେକ ସ୍ଥାନ ରେ ଭେଲେନଟାଇନ ଓ୍ୱିକ ବା ସପ୍ତାହ ମଧ୍ୟ ପାଳନ କରାଯାଏ ଯାହା ଫେବୃୟାରୀ ୭ ତାରିଖ ରୁ ଆରମ୍ଭ ହୁଏ ଏବଂ ଏହି ଦିନକୁ ରୋଜ ଡେ କୁହାଯାଏ ।ଏହିଦିନ ଗୋଲାପର ଫୁଲ ପରସ୍ପର କୁ ଦେଇ ପ୍ରେମୀ ଯୁଗଳ ନିଜର ସମ୍ବନ୍ଧ କୁ ଦୃଢ଼ କରିଥାନ୍ତି ।ଦ୍ୱିତୀୟ ଦିନ କୁ ପ୍ରପୋଜ ଡେ କୁହାଯାଏ । ତୃତୀୟ ଦିନ କୁ ଚକୋଲେଟ ଡେ । ଚତୁର୍ଥ ଦିନ କୁ ଟେଡି ଡେ । ପଞ୍ଚମ ଦିନ କୁ ପ୍ରମିସ ଡେ । ଷଷ୍ଠ ଦିନ କୁ ହଗ ଡେ ଏବଂ ସପ୍ତମ ଦିନ ଏବଂ ଶେଷ ଦିନ କୁ କିସ ଡେ ରୂପେ ପାଳନ କରାଯାଇଥାଏ ।ଏହା ପର ଦିନ ଟି ହେଉଛି ଭେଲେନଟାଇନ ଡେ । ଭଲେନଟାଇନ ଡେ କୁ ପାଳନ କରିବା ପାଇଁ ଲୋକମାନେ ନିଜର ଭେଲେନଟାଇନ ପାଇଁ ଉପହାର କିଣି ଥାନ୍ତି ।ପ୍ରେମୀ ଯୁଗଳ ବାହାର ଜାଗା କୁ ବୁଲି ମଧ୍ୟ ଯାଇ ଥାନ୍ତି ।ମୁଖ୍ୟତଃ କିଛି ସମୟ ପରସ୍ପର ସହିତ ବ୍ୟତୀତ କରିଥାନ୍ତି ।ଭେଲେନଟାଇନ ଡେ ରେ ପରସ୍ପର କାର୍ଡ ଦେବାର ପରମ୍ପରା ମଧ୍ୟ ରହିଛି ।ଆଜିକାଲି ମୋବାଇଲ ଏବଂ ଇଣ୍ଟେର୍ନ ?ଟ ର ଯୁଗ ତେଣୁ ଗିଫ୍ଟ କାର୍ଡ ର ମହତ୍ୱ ମଧ୍ୟ କମିଲାଣି । ସାମାଜିକ ଗଣମାଧ୍ୟମ ଯେମିତି କି ଫେସବୁକ, ଓ୍ୱାଟସାପ, ଟ୍ୱିଟର ରେ ଭେଲେନଟାଇନ ଡେ ର ଶୁଭ ଅଭିନନ୍ଦନ ଜଣାଇଥାନ୍ତି ଅନେକ ଦେଶ ରେ ଭେଲେନଟାଇନ ଡେ ରେ ଛୁଟି ହୋଇଥାଏ । ବର୍ତ୍ତମାନର ଦୁନିଆ ରେ ମଣିଷ ମଣିଷର ସମ୍ପର୍କ ଭିତରେ ତିକ୍ତତା ଦେଖିବା କୁ ମିଳୁଛି, ବିବାହ ବିଚ୍ଛେଦ ଠାରୁ ଆରମ୍ଭ କରି ଅନେକ ପ୍ରକାର ଅଘଟଣ ଘଟି ଚାଲୁଛି ।ଏହି ଅଘଟଣା ପାଇଁ ଆମର ସାମାଜିକ ସମ୍ପର୍କ ଓ ପାରିବାରି ସମ୍ପର୍କ ରେ ତିକ୍ତତା ଆସି ଯାଉଛି ।ଭେଲେନଟାଇନ ଡେ ପାଳନ ସହିତ ଯଦି ଆମର ସାମାଜିକ ଓ ପାରିବାରିକ ସମ୍ପର୍କ ଭିତରେ କିଛି ମଧୁରତା ସୃଷ୍ଟି ହୋଇ ପାରିବ ତାହେଲେ ତାକୁ ନିଶ୍ଚିତ ଭାବରେ ଆମେ ସ୍ୱାଗତ କରିବୁ ।ଆମ ଦେଶ ରେ ଅନେକ ସ୍ଥାନ ରେ ଭେଲେନଟାଇନ ଡେ ର ପାଳନ କୁ ଲୋକେ ପସନ୍ଦ କରୁନାହାନ୍ତି ।ସେମାନଙ୍କ ମତରେ ଏସବୁ ପାଶ୍ଚତ୍ୟ ସଭ୍ୟତା ଯାହା ଭାରତୀୟ ସଭ୍ୟତାର ଶାଳିନ୍ୟତା କୁ ନଷ୍ଟ କରୁଛି ।ଏହା ସତ୍ୟ କଥା ଯେ ଭାରତୀୟ ସମାଜ ରେ ଶାଳିନ୍ୟତା ଗୋଟିଏ ଭଲ ଜିନିଷ । କିନ୍ତୁ ଶାଳିନ୍ୟତା ସହିତ ଆମେ ଯଦି କୌଣସି ଉତ୍ସବ ପାଳନ କରୁ ତାହେଲେ କାହାକୁ ମଧ୍ୟ ତାହା ଅପସନ୍ଦ ନ ହେବା କଥା ।ଆଜିକାଲିର ନୂଆ ପିଢିଙ୍କ ପାଖରେ ଶାଳିନ୍ୟତା କମ ହୋଇ ପଡୁଛି ତେଣୁ ଅନେକ ସାମସ୍ୟା ମଧ୍ୟ ଦେଖିବାକୁ ମିଳୁଛି ।ପାର୍କ ଏବଂ ଅନେକ ବୁଲିବା ସ୍ଥାନ ବା ସାର୍ବଜନିକ ଜାଗା ଗୁଡିକ ରେ ବିଭିର୍ନ୍ନ ବୟସର ଲୋକେ ଯାଇଥାନ୍ତି ।ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ମାନେ ଏହି ସ୍ଥାନ ମାନଙ୍କୁ ଯାଇଥାନ୍ତି ।ସେଠାରେ କୌଣସି ପ୍ରକାର ଅଶୋଭନୀୟ ଦୃଶ୍ୟ କାହାକୁ ମଧ୍ୟ ଭଲଲାଗିବ ନାହିଁ ।ଭେଲେନଟାଇନ ଡେ ପାଳନ କରୁଥିବା ବ୍ୟକ୍ତି ମାନେ ଏହାକୁ ଆଖି ରେ ରଖି ଭେଲେନଟାଇନ ଡେ ପାଳନ କଲେ ସମସ୍ତଙ୍କୁ ଭଲ ଲାଗିବ ।

*ବ୍ରହ୍ମପୁର,*
*ଖୋଡାସିଙ୍ଗ କଳିଙ୍ଗନଗର ,*
*ଫୋନ ନମ୍ବର -*
*୭୨୦୫୧୦୦୮୩୯ ?*




# ପ୍ରଜ୍ଞାନ ଦାତ୍ରୀ ସରସ୍ୱତୀ


ଉମାଶଙ୍କର ପ୍ରସାଦ

ଜଗତ ନିର୍ମାଣ କରିବାକୁ ହେଲେ ଜଗତ ବିଷୟକ ଜ୍ଞାନ ନ ଥିଲେ ଜଗତ ନିର୍ମାଣ ଅସମ୍ଭବ। ତେଣୁ ବ୍ରହ୍ମା ସ୍ତ୍ରୀ ବାଚକ ଶକ୍ତି ରୂପିଣୀ ସରସ୍ୱତୀ, ଲକ୍ଷ୍ମୀ ଓ ଉମାଙ୍କୁ କଳ୍ପନା କରିଥିଲେ। ସରସ୍ୱତୀ ହେଲେ ଜ୍ଞାନ, କଳା ଓ କୌଶଳର ପ୍ରତୀକ। ଦ୍ୟୋତନଶୀଳା ଦେବୀ ଓ ପ୍ରକାଶାତ୍ମିକା ବିଦ୍ୟା। ସେ ବ୍ରହ୍ମାଙ୍କ ସହିତ ସଂଯୁକ୍ତ ହେଲେ ବୋଲି ସୃଷ୍ଟି ହେଲା ବିଶ୍ୱ ବ୍ରହ୍ମାଣ୍ଡ। ସ୍ଥାବର ଜଙ୍ଗମ ସରସ୍ୱତୀଙ୍କୁ ଜ୍ଞାନ ସ୍ୱରୁପା କଳ୍ପନା କରି ମହାନ ଋଷିଗଣ ନିଜକୁ ତାଙ୍କ ପାଖରେ ଅର୍ପଣ କରିଦେଇଛନ୍ତି ନିଜର ଆବେଗକୁ। ମନ୍ତ୍ରଦ୍ରଷ୍ଟା ଋଷିଙ୍କ ଦୃଷ୍ଟିରେ ସେ ବାଣୀ ସଂସ୍କୃତି, ବିଦୂଷୀ ନାରୀ ଓ ପରମାତ୍ମା ଇଳା ସରସ୍ୱତୀ ମହୀ(ଋଗ୍ ବେଦ ୧.୪.୨.୯) ଏହି ମନ୍ତ୍ରରେ ସରସ୍ୱତୀଙ୍କୁ ସଂସ୍କୃତି ସ୍ୱରୁପ ବୋଲି ବର୍ଣ୍ଣନା କରାଯାଇଛି। ବାସ୍ତବରେ ସରସ୍ୱତୀଙ୍କ ବ୍ୟକ୍ତିତ୍ୱରେ ଭାରତୀୟ ସଂସ୍କୃତି ଆରୋପିତା ଜ୍ଞାନ ପିପାସୁ ବୈଦିକ ଋଷି ଉଦାତକଣ୍ଠରେ ଗାଇଛନ୍ତି। "ଅମ୍ବି ତମେ ନଦୀ ତମେ ଦେବୀ ତମେ ସରସ୍ୱତୀ ଅପ୍ରଶସ୍ତା ଇବସ୍ମସି ପ୍ରଶସ୍ତି ମମ୍ବ ନ ସ୍କୃଧି" ହେ ଶ୍ରେଷ୍ଠମାତା, ହେ ଶ୍ରେଷ୍ଠ ଦେବୀ, ହେ ଶ୍ରେଷ୍ଠ ନଦୀ, ଆମେ ସବୁ ଅପ୍ରଶସ୍ତ ପ୍ରାଣୀ। ଆମକୁ ପ୍ରଶସ୍ତ ତଥା ବିସ୍ତାରିତ କରାଅ। ଆମର ଅପ୍ରଶସ୍ତ ଜ୍ଞାନର ବଳୟକୁ ପ୍ରଶସ୍ତ କର। ସରସ୍ୱତୀଙ୍କର ଶାବ୍ଦିକ ଅର୍ଥ ପ୍ରସରଣ ଶୀଳା, ଗତିଶୀଳା। ଏହା ମଧ୍ୟ ଏକ ସଙ୍କେତ। ସରସ୍ୱତୀଙ୍କ ବନ୍ଦନା ସଙ୍ଗେ ସଙ୍ଗେ ନଦୀର ବର୍ଣ୍ଣନା ତାତ୍ପର୍ଯ୍ୟପୂର୍ଣ୍ଣ ଅଟେ। ବଶିଷ୍ଠ, ଭରଦ୍ୱାଜ ଆଦି ଋଷିଗଣ ଜ୍ଞାନ ରୂପକ ନଦୀର ସ୍ରୋତରେ ଭାସିଯାଇ ପରମ ଆନନ୍ଦ ଲାଭ କରିଛନ୍ତି। କେବଳ ସେତିକି ନୁହେଁ, ସରସ୍ୱତୀ ସ୍ରୋତସ୍ୱତୀ ରୂପେ ପ୍ରଜ୍ଞାରୂପକ ଜଳରାଶିର ଉଚ୍ଛ୍ୱାସରେ ଗତିପଥର ସମସ୍ତ ବିଘ୍ନରାଜିରୁ ସେମାନଙ୍କୁ ଅତିକ୍ରାନ୍ତ କରାଇଛନ୍ତି। ସେ ହୋଇଛନ୍ତି ସୁନିୟନ୍ତ୍ରଣକାରିଣୀ 'ସୁଷମା ସରସ୍ୱତୀ', 'ପାବକାଃ ନଃ ସରସ୍ୱତୀ' ମନ୍ତ୍ରରେ ପବିତ୍ରକାରିଣୀ ରୂପରେ ସେ ସ୍ତୁତ ହୋଇଛନ୍ତି। ସରସ୍ୱତୀ ପଦ୍ମାଶନରେ ଉପବିଷ୍ଟା ହୋଇ ସ୍ଫଟିକର ମାଳା ଅହଙ୍କାର ହସ୍ତରେ ଧାରଣ କରିଛନ୍ତି। ଜପମାଳା ଧ୍ୟାନର ପ୍ରତୀକ ମାନସିକ ଏକାଗ୍ରତାର ସଙ୍କେତ। ଅହଂକାର ଭାବ ନଷ୍ଟ ହେଲେ ବ୍ରହ୍ମ ଦର୍ଶନ ସ୍ୱଚ୍ଛ ହୁଏ। ସ୍ୱାଧ୍ୟାୟ, ମନନ ଓ ନିଧିଧ୍ୟାସନ ଦ୍ୱାରା ଅହଂକାର ନାଶ ହୁଏ। ସରସ୍ୱତୀଙ୍କର ଶୁଭ୍ରତା, ସାତ୍ତ୍ୱିକତା ଓ ଶୁଦ୍ଧତାର ନିଦର୍ଶନ। ଦେବୀ ପ୍ରସ୍ଫୁଟିତ ଶ୍ୱେତପଦ୍ମରେ ବିରାଜିତ। ପଦ୍ମ ଆଧ୍ୟାତ୍ମିକ ଶ୍ରେଷ୍ଠତା ଓ ପ୍ରଜନନର ସୂଚକ। ଏହି ଅନନ୍ତ ସତ୍ୟ ଉପରେ ଦେବୀ ଆରୁଢ଼ା। ତାଙ୍କର ଆଶୀର୍ବାଦ ହେଲେ ଶରୀର ମଧ୍ୟରେ ଥିବା କୁଣ୍ଡଳିନୀ ଶକ୍ତି ପଦ୍ମପରି ବିକଶିତ ହୁଏ। ଜ୍ଞାନର ଉନ୍ମେଷ ଘଟେ। ବିବେକର ପ୍ରତୀକ ହଂସ। ହଂସ କ୍ଷୀର ନୀର ମିଶ୍ରଣରୁ କେବଳ କ୍ଷୀର ହିଁ ଗ୍ରହଣ କରିଥାଏ। ଏଣୁ ହଂସ ଅଜ୍ଞାନ ସାଗରରୁ ଜ୍ଞାନରାଶି ଗ୍ରହଣ କରିବାକୁ ନିଜ ଉପାସକ ମାନଙ୍କୁ ଆହ୍ୱାନ ଦେଇଥାଏ। ସାୟାଣାଚାର୍ଯ୍ୟାଙ୍କ ମତରେ 'ଅହଂ ସଃ'। ମୁଁ ତାହା ଅର୍ଥାତ୍ ଅହଂ ବ୍ରହ୍ମାସ୍ମି। ମୁଁ ବ୍ରହ୍ମ ଅଟେ। ହଂସ ଭାବନାରେ ଜୀବାତ୍ମା ପରମାତ୍ମାରେ ଏକାକାର ହୋଇଯାଏ।ମାଘ ମାସର ଶୁକ୍ଳ ପକ୍ଷ ପଂଚମୀ ତିଥି ସରସ୍ୱତୀଙ୍କର ଅତିପ୍ରୀୟ ଜନ୍ମ ଦିନ। ଏହାର ଅନ୍ୟନାମ ବସନ୍ତ ପଂଚମୀ। ବସନ୍ତର ରାଜସିକ ପରିବେଶରେ ସାତ୍ତ୍ୱିକ ଭାବନା ଉଦ୍ରେକ କରିବା ଏହାର ଲକ୍ଷ। "ବସନ୍ତେ କପିଳ ସୂର୍ଯ୍ୟ" ବସନ୍ତ କାଳରେ କପିଳ ବର୍ଣ୍ଣର ସୂର୍ଯ୍ୟ କିରଣ ପ୍ରସାରିତ ସୌନ୍ଦର୍ଯ୍ୟ ମାଧୁର୍ଯ୍ୟର ଚିନ୍ତା ଚେତନାକୁ ପୀୟୂଷ ସ୍ରୋତରେ ଅଭିଷେକ କରି ସେହି ପ୍ରକୃତି ମାତାକୁ ନବବଧୂ ବେଶରେ ସଜାଇ ଦିଏ। ଏହି ବସନ୍ତ ଋତୁର ପ୍ରବେଶ ମାତ୍ରେ ମାତା ବାକ୍ ଦେବୀଙ୍କ ଆଗମନରେ ସକଳ ଜୀବଙ୍କ ମନପ୍ରାଣରେ ଯେଉଁ ଅନିର୍ବଚନୀୟ ଆନନ୍ଦ ଅବତରଣ କରେ ତାହା ବାକ୍ୟରେ ପ୍ରକାଶ କରିହୁଏ ନା। ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ଷୋଡଶ ଉପଚାରରେ ବାକ୍ ଦେବୀଙ୍କ ଆରାଧନା କରାଯାଇଥାଏ। ତାଙ୍କର ବିନା କୃପାରୁ ବ୍ୟକ୍ତିର ମୁଖରୁ ବାକ୍ ସ୍ଫୁରଣ ହୋଇ ନଥାଏ। ଏହି ପର୍ବରେ ମୃଣ୍ମୟୀ ହୁଅନ୍ତି ଚିନ୍ମୟୀ। ମାତୃଶକ୍ତି ସ୍ୱରୁପିଣୀ ଜଗତ୍‌ବ୍ୟାପିନୀ, ଜଡତା ହାରିଣୀ, ବୋଧଶକ୍ତି ଦାୟିନୀ ଜ୍ଞାନ ଓ ଉଦ୍ରେକର ଚେତନା କାରିଣୀ ମା' ବୀଣାପାଣି ଜଗତର ଅଜ୍ଞାନ ଅନ୍ଧକାର ଦୂରକରି ଜ୍ଞାନର ଆଲୋକ ପ୍ରଦାନ କରନ୍ତୁ ଏତିକି ପ୍ରଣତି।

*ସ୍ତମ୍ଭକାର ଓ ସମ୍ପାଦକ ମାର୍ଗଦର୍ଶୀ,*
*ଖୋର୍ଦ୍ଧା*
*ମୋ.ନଂ-୬୩୭୦୬୭୫୫୬୨*

# ଆନନ୍ଦ ଯୋଗ କର୍ମଶାଳା ଆୟୋଜିତ

ଭୁବନେଶ୍ୱର,(ପି.ଏନ): ଆନନ୍ଦମ ଫାଉଣ୍ଡେସନ ଦ୍ୱାରା ୧୧ ଫେବୃଆରୀ ୨୦୨୪ ରେ ସକାଳ ୭ ଘଟିକା ରୁ ଅପରାହ୍ନ ୪ ଘଟିକା ସମୟ ପର୍ଯ୍ୟନ୍ତ ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀର ମିଳିତ ଆନୁକୂଲ୍ୟରେ ଯୋଗ ଉପରେ ଏକ ଦିନିଆ କର୍ମଶାଳା ଆୟୋଜିତ ହୋଇଥିଲା ଏହି କର୍ମଶାଳାର ନାମ 'ଆନନ୍ଦ ଯୋଗ' ରଖାଯାଉଥିଲା ।ଏହି ଯୋଗ କାର୍ଯ୍ୟଶାଳାର ପ୍ରାରମ୍ଭରେ ଶାରୀରିକ ବ୍ୟାୟାମ, ଆସନ, ପ୍ରାଣାୟାମ ଏବଂ ଧ୍ୟାନର ଅଭ୍ୟାସ କରାଯାଇଥିଲା । ଏହାକୁ ଶ୍ରୀ କେଶବ ଚନ୍ଦ୍ର ତ୍ରିପାଠୀ ଏବଂ ଶ୍ରୀ ଲମ୍ବୋଦର ସେଠୀ ପରିଚାଳନା କରିଥିଲେ ।କାର୍ଯ୍ୟଶାଳାର ଆନୁଷ୍ଠାନିକ ଉଦ୍ଘାଟନ ଅବସରରେ ଡକ୍ଟର ପ୍ରଶାନ୍ତ କୁମାର ପ୍ରଧାନ (ଅବସରପ୍ରାପ୍ତ ଆଇ.ଏ.ଏସ.), ନିର୍ଦ୍ଦେଶକ, ଶିବାନନ୍ଦ ଯୋଗ ବେଦାନ୍ତ ଏକାଡେମୀ ଏବଂ ଶ୍ରୀ ମନୋଜ ଦାସ, ସାଧାରଣ ସମ୍ପାଦକ, ଆନନ୍ଦମ ଫାଉଣ୍ଡେସନ ଉପସ୍ଥିତ ରହି ଯୋଗର ଅବଧାରଣା ଏବଂ ଯୋଗ ମାଧ୍ୟମରେ ଶାଶ୍ୱତ ଆନନ୍ଦ ପାଇବାର ଉପାୟ ବିଷୟରେ ଆଲୋକପାତ କରିଥିଲେ ।'ସମତ୍ୱମ ଯୋଗ ଉଚ୍ୟେତ', 'ବସୁଧିଯେବ କୁଟୁମ୍ବକାମ', ଏବଂ 'ସୁଖ ପାଇବାର ଉପାୟ' ବିଷୟ ଉପରେ ଏକ ସାମୁହିକ ଆଲୋଚନା ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟଶାଳାର ସଭି ସଦସ୍ୟମାନେ ବିଭିନ୍ନ ସୃଜନଶୀଳ ଖେଳ, ଆକ୍ସନ୍ ଗୀତ ମାଧ୍ୟମରେ ସକାରାତ୍ମକ ବିଚାର, ଅନ୍ତର୍ନିହିତ ଗୁଣର ପରିପ୍ରକାଶ ବିଷୟରେ ଜାଣିପାରିଥିଲେ ଏବଂ ଶାନ୍ତି ପାଠ, ଶାନ୍ତି ମନ୍ତ୍ର, ଭୋଜନ ମନ୍ତ୍ର ସମେତ ଅନେକ ନୈନିକ ଉପଯୋଗୀ ମନ୍ତ୍ର ଅଭ୍ୟାସ କରିଥିଲେ। ପରେ ସତସଙ୍ଗ ସମୟରେ ଅଂଶଗ୍ରହଣକାରୀ ମାନଙ୍କ ଦ୍ୱାରା ଭଜନ ପରିବେଷଣ ହୋଇଥିଲେ। ଏହାକୁ ଶୁଭଙ୍ଗୀ ଉପାଧ୍ୟାୟ ପରିଚାଳନା କରିଥିଲେ। ଅଧ୍ୟାପିକା ଅମିତାବାଳା ପାତ୍ର ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ସଂଯୋଜନା କରିଥିଲେ । ଶ୍ରୀ ବିଷ୍ଣୁ ଚରଣ ସାହୁ, ଶ୍ରୀ ଲଲାଟ ଚନ୍ଦ୍ର ମଲ୍ଲିକ୍, ଶ୍ରୀ ସୌମ୍ୟ ରଂଜନ ପଣ୍ଡା ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ଏହି କାର୍ଯ୍ୟଶାଳାର ସମ୍ପୂର୍ଣ୍ଣ ବ୍ୟବସ୍ଥା ପରିଚାଳନା କରିଥିଲେ। ମୋଟ ୩୨ ଜଣ ଅଂଶଗ୍ରହଣ କରିଥିଲେ ।

# ଲୋଚାପଡା ଓ ନିମଖଣ୍ଡି ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର କାର୍ଯ୍ୟକ୍ରମ

କୁକୁଡ଼ାଖଣ୍ଡି(ଇପିଲି ପୂର୍ଣ୍ଣଚନ୍ଦ୍ର),(ପି.ଏନ): ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡ଼ାଖଣ୍ଡି ବ୍ଲକ ଲୋଚାପଡା କାଳୀ ମନ୍ଦିର ପଡିଆ ଏବଂ ନିମଖଣ୍ଡି ହାଇସ୍କୁଲ ପଡିଆରେ ଲୋଚାପଡା ଓ ନିମଖଣ୍ଡି ସରପଞ୍ଚ ଙ୍କ ସଂଯୋଜନା ରେ ପଞ୍ଚାୟତ ସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା ଶିବିର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି କ୍ଷ ପଞ୍ଚାୟତ ସ୍ତରୀୟ ଏହି ସରକାରୀ କାର୍ଯ୍ୟକ୍ରମ ସୋମବାର ଶେଷ ପର୍ଯ୍ୟାୟ ରେ ବ୍ରହ୍ମପୁର ଉପାନ୍ତ ଅଞ୍ଚଳରେ ସମାପ୍ତି ଘଟିଛି । କାର୍ଯ୍ୟକ୍ରମ ରେ ଲୋଚାପଡା ପଞ୍ଚାୟତ ରେ କାର୍ଯ୍ୟକ୍ରମ ହୋଇଛି କ୍ଷ ସେହିପରି ନିମଖଣ୍ଡି ପଞ୍ଚାୟତ ମଧ୍ୟରେ କାର୍ଯ୍ୟକ୍ରମ ସମାପ୍ତ ହୋଇଯାଇଅଛି କ୍ଷ ପ୍ରଶାସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଗାଁର ବିକାଶ କାର୍ଯ୍ୟ ସମ୍ପର୍କ ରେ ଜନ ସାଧାରଣଙ୍କୁ ସଚେତନତା ସୃଷ୍ଟି କରାଯାଇଥିଲା କ୍ଷ ଏଥିରେ ସରକାରଙ୍କ ବିଭିନ୍ନ ଯୋଜନା ର ବିଭାଗ ଜରିଆରେ କିପରି ଲୋକଙ୍କୁ ସୁବିଧା ସୁଯୋଗ ପାଇବାରେ ସଫଳ ଅର୍ଜନ କରିବେ ତାହା ଉପରେ ବିଭାଗୀୟ ଅଧିକାରୀ ମାନେ ଜନସାଧାରଣ ଙ୍କ ଠାରେ ମତ ଉପସ୍ଥାପନା କରିଥିଲେ କ୍ଷଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ବିକ୍ରମ ପଣ୍ଡା,କୁକୁଡ଼ାଖଣ୍ଡି ବ୍ଲକ ଅଧ୍ୟକ୍ଷ କାମାକ୍ଷା ପ୍ରସାଦ ପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସମ୍ମାନିତ ଅତିଥି ଭାବେ କୁକୁଡାଖଣ୍ଡି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଣି ପଲ୍ଲବୀ ସ୍ୱାଇଁ, ୯ ନମ୍ବର ଜିଲ୍ଲାପରିଷଦ ଭାରତୀ ନାୟକ,ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ତଥା ବ୍ରହ୍ମପୁର ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ଚାଉପଟ୍ଟନାୟକ,କାଜୁନିଗମ ଅଧ୍ୟକ୍ଷ ସୁବାଷ ମହାରଣା, ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ସମାଜସେବୀ ସନ୍ତୋଷ ପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦିଲ୍ଲିପ ପାତ୍ର,ଲକ୍ଷ୍ମୀପ୍ରିୟା ସାହୁ, ଦଣ୍ଡପାଣି ପାତ୍ର, ରାଜେନ୍ଦ୍ର ପାତ୍ର,ସହକାରୀ ଯନ୍ତ୍ରୀ ଅନୁରାଗ ରଥ,ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ,ସିଡ଼ିପିଓ କୁସୁମ ସାହୁ, ଯୋଗାଣ ଅଧିକାରୀ ଧିରେନ ସାହୁ କୃଷି ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ନିମଖଣ୍ଡି ପଞ୍ଚାୟତ ପିଇଓ ଏସ୍ ରାଜେଶ ରାଓ,ଲୋଚାପଡା ପଞ୍ଚାୟତ ପିଇଓ ଚିନ୍ମୟ ବେହେରା, ନିମଖଣ୍ଡି ସରପଞ୍ଚ ଶଶୀ ବେହେରା, ଜିଆରଏସ୍, ଅରୁଣ ଭୂୟାଁ, ଜି. ତ୍ରିପତି ଯୋଗାଣ ସହାୟକ ସୁଜିତ ପାତ୍ର, ପୂଜା ସାହୁ, ସୁରେଶ ସାହୁ, ବସନ୍ତ ସାହୁ, ସନ୍ତୋଷ ପଟ୍ଟନାୟକ,ଜେଇ ବିଭୁତି ପ୍ରଧାନ, ପଦ୍ମିନୀ ବେହେରା, ସ୍ଥାନୀୟ ସ୍ୱାସ୍ଥ୍ୟକର୍ମୀ, ଏମବିକେ, ସିଆରପି, ଅଙ୍ଗନବାଡ଼ି ସୁପ୍ରଭାଇଜର, ଅଙ୍ଗନବାଡି କର୍ମୀ,ଆଶା କର୍ମୀଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟ ଓ ଜନସାଧାରଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମରେ ଲୋଚାପଡା ଓ ନିମଖଣ୍ଡି ପଞ୍ଚାୟତର ବିକାଶ ମୂଳକ ପୁସ୍ତକର ଉନ୍ମୋଚନ ହୋଇଥିଲା। ପରିଶେଷରେ ଲୋଚାପଡା ଓ ନିମଖଣ୍ଡି ସରକାରୀ ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ମାନଙ୍କ ଦ୍ୱାରା ରାଜ୍ୟ ସରକାର ଯୋଗାଇ ଦେଉଥିବା ବିଭିନ୍ନ ଯୋଜନାକୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପରିବେଷଣ କରାଯାଇଛି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତ୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା । ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପଷ ବୁଝାମଣାରେ ନିଷ୍ପତି ନିଆଯିବ ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର,ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ,ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ,ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।



# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି


ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି। ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସମ୍ପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଷ୍ମ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚତୁର୍ପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତ୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍‌ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍‌ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍‌ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍‌ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍‌ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଳମ୍ୱେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଡ଼ା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିକ୍କା, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଚିତ୍ରକଳା ପ୍ରଦର୍ଶନୀ "ମେଘମହ୍ଲାର" ଉଦ୍‌ଘାଟିତ




ବାଲେଶ୍ୱର (ପିଏନ୍)- ବାଲେଶ୍ୱର ସଂସ୍କୃତି ଭବନ ପରିସରରେ ଓଡ଼ିଶା ଲଳିତ କଳା ଏକାଡମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା ଆୟୋଜିତ "ମେଘମହ୍ଲାର" ଶୀର୍ଷକ ଚିତ୍ରକଳା ପ୍ରଦର୍ଶନୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଉଦ୍ଘାଟିତ ହୋଇଯାଇଛି। ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ପ୍ରଦର୍ଶନୀକୁ ଉଦ୍ଘାଟନ କରଥିବା ବେଳେ ବର୍ଷାଋତୁକୁ ନେଇ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଶିଳ୍ପୀମାନଙ୍କ ଦ୍ୱାରା ଅଙ୍କିତ ସୁନ୍ଦର ସୁନ୍ଦର ଚିତ୍ରର ପ୍ରଶଂସା କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ୪୫ ଜଣ ଯୁବ ଓ ବରିଷ୍ଠ ଶିଳ୍ପୀଙ୍କ ଦ୍ୱାରା ଅଙ୍କିତ ଚିତ୍ରକଳା ସ୍ଥାନ ପାଇଛି। ଚିତ୍ରଗୁଡ଼ିକ ବର୍ଷାଋତୁର ସୁଦୃଶ୍ୟ ଘଟଣାବଳି, ପର୍ବପର୍ବାଣି, ଗ୍ରାମ୍ୟଜୀବନ, ବର୍ଷାଋତୁରେ ସମୁଦ୍ର ବେଳାଭୂମିର ଦୃଶ୍ୟ, ବର୍ଷାକୁ ଦେଖି ମୟୂରର ନୃତ୍ୟ, ପଦ୍ମପୋଖରୀରେ ନାୟିକା, କାଶତଣ୍ଡୀ ଫୁଲର ଚିତ୍ର, ସାରୁଗଛ ମୂଳରେ ବେଙ୍ଗବେଙ୍ଗୁଲି, ହଂସ ହଂସରାଳୀ, ପକ୍ଷୀଶାବକର ସ୍ନାନ ଓ ନଦୀକୂଳ ଲଙ୍ଘିବାର ଦୃଶ୍ୟକୁ ଶିଳ୍ପୀମାନେ ନିଜର ସୃଜନଶୀଳ ଢ଼ଙ୍ଗରେ ଅଙ୍କନ କରିଥିଲେ ଯାହା ବେଶ୍ ମର୍ମସ୍ପର୍ଶୀ ହୋଇଥିଲା। ଏହି ଅବସରରେ ଏକାଡ଼ମୀର ସଚିବ ପଞ୍ଚାନନ ସାମଲ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପ୍ରଦର୍ଶନୀର ଆଭିମୁଖ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଦର୍ଶନୀ ଅବସରରେ ବାଲେଶ୍ୱର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଶ୍ରୀଯୁକ୍ତ ଗଗନ ସାହୁ, ଚିତ୍ରଶିଳ୍ପୀ ଅରୁଣ ଜେନା, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ପ୍ରତାପ ସିଂହ, ବିଶ୍ୱଜିତ୍ ପରମାଣିକ, ଅରୁଣ ବାରିକ ଓ ପୂର୍ଣ୍ଣେନ୍ଦୁ ପତି ପ୍ରମୁଖ ବହୁ ବରିଷ୍ଠ ଓ ଯୁବଶିଳ୍ପୀମାନେ ଉପସ୍ଥିତ ଥିଲେ। ପ୍ରଦର୍ଶନୀକୁ ଏକାଡ଼ମୀର ମରୁତ ରାଉତ ପରିଚାଳନା କରୁଥିବା ବେଳେ ଏହା ଜୁଲାଇ ୩୦ ତାରିଖ ପର୍ଯ୍ୟନ୍ତ ୧୫ ଦିନ ଧରି ଚାଲିବ ବୋଲି ସୂଚନା ଦେଇଥିଲେ।

## ତିନିଟି ଶ୍ରେଣୀକୁ ଦୁଇଜଣ ଶିକ୍ଷକ

ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଭଗାମୁଣ୍ଡାସ୍ଥିତ ମା' ଚାଞ୍ଚଖାଇ ଉପ୍ରା ସ୍କୁଲରେ ଶିକ୍ଷକ ଅଭାବରୁ ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି । ଏହି ସ୍କୁଲରେ ବର୍ତ୍ତମାନ ୨୦୮ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଷଷ୍ଠ ଶ୍ରେଣୀରେ ୭୬ ଜଣ, ସପ୍ତମ ଶ୍ରେଣୀରେ ୮୩ ଜଣ ଏବଂ ଅଷ୍ଟମ ଶ୍ରେଣୀରେ ୪୯ ଜଣ ଛାତ୍ରଛାତ୍ରୀ ଅଛନ୍ତି । ସରକାରଙ୍କ ନିୟମ ଅନୁଯାୟୀ ୩୫ ଜଣ ଛାତ୍ରଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ରହିବେ । ଏହି ଅନୁପାତରେ ସ୍କୁଲରେ ୬ଜଣ ଶିକ୍ଷକଙ୍କ ଆବଶ୍ୟକତା ରହିଛି । ହେଲେ ଏଠାରେ ମାତ୍ର ଦୁଇଜଣ ଶିକ୍ଷକ ଅଛନ୍ତି । ଦୁଇଜଣ ଶିକ୍ଷକ ୩ଟି ଶ୍ରେଣୀକୁ କିପରି ଶିକ୍ଷାଦାନ କରୁଥିବେ ତାହା ସହଜରେ ଅନୁମେୟ । ଏହି ସ୍କୁଲରେ ପୂର୍ବରୁ ୫ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ । ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ପଠାଯାଇଥିବା ବେଳେ ଜଣେ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି କରାଯାଇଛି । ଷଷ୍ଠ ଶ୍ରେଣୀରେ ଅଧିକ ଛାତ୍ରଛାତ୍ରୀ ଥିବାରୁ ସେମାନେ ଭାଗ ହୋଇ ଦୁଇଟି ଶ୍ରେଣୀଗୃହରେ ବସୁଛନ୍ତି । ଦୁଇଜଣ ଶିକ୍ଷକ ଦୁଇଟି ଶ୍ରେଣୀରେ ପାଠ ପଢାଉଥିବା ବେଳେ ବାକି ଦୁଇଟି ଶ୍ରେଣୀଗୃହରେ ପିଲା ବସି ରହୁଛନ୍ତି । ସ୍କୁଲରେ ଶିକ୍ଷକ ନିଯୁକ୍ତି ପାଇଁ ଅଭିଭାବକ ଏବଂ ଗ୍ରାମବାସୀ ବ୍ଲକ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇଛନ୍ତି । କିନ୍ତୁ ଶିକ୍ଷକ ନିଯୁକ୍ତି ଦିଆଯାଉନାହିଁ । ଏହି ସ୍କୁଲରେ ଜଣେ ଶିକ୍ଷକଙ୍କୁ ଏକ ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଯାଇଛି । ଉକ୍ତ ବିଦ୍ୟାଳୟରେ ମାତ୍ର ୪୨ଜଣ ଛାତ୍ରଛାତ୍ରୀ ଥିବାବେଳେ ୩ଜଣ ଶିକ୍ଷକ ଅଛନ୍ତି । ଏହାଛଡା ବ୍ଲକର ୪/୫ଟି ପ୍ରାଥମିକ ବିଦ୍ୟାଳୟରେ ପିଲା ସଂଖ୍ୟା ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି । ଉକ୍ତ ସ୍କୁଲର ଶିକ୍ଷକମାନଙ୍କୁ କାହିଁକି କମ୍ ଶିକ୍ଷକ ଥିବା ସ୍କୁଲରେ ନିଯୁକ୍ତି ଦିଆଯାଉନାହିଁ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କରୋନା କଟକଣା ହଟିବା ପରେ ସ୍କୁଲ ଖୋଲିଛି । କିନ୍ତୁ ଶିକ୍ଷକ ନଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି । ମା' ଚାଞ୍ଚଖାଇ ସ୍କୁଲରେ ଅଧିକ ଦୁଇଜଣ ଶିକ୍ଷକ ନିଯୁକ୍ତି ଦେବାକୁ ଗ୍ରାମବାସୀ ଓ ଅଭିଭାବକ ଦାବି କରିଛନ୍ତି ।

## ବାହାର ଜିଲ୍ଲା ମାଲିକଙ୍କ ଗାଡିକୁ ବିରୋଧ: ୨ ଘଣ୍ଟା ରାସ୍ତା ଅବରୋଧ



କେନ୍ଦ୍ରାପଡା (ପିଏନ୍): ପାରାଦ୍ୱୀପରୁ ଜିପସମ ପରିବହନ କରୁଥିବା ବାହାର ଜିଲ୍ଲାର ଟ୍ରକକୁ କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକମାନେ ବିରୋଧ କରି ଗାଡି ଅଟକାଇଥିଲେ। କେନ୍ଦ୍ରାପଡ଼ା ଓ ପାରାଦ୍ୱୀପ ଟ୍ରକ ମାଲିକ ସଂଘ ଅଭିଯୋଗ କରିଥିଲେ ଯେ ସେମାନଙ୍କୁ ଜିପସମ ପରିବହନ କରିବା ପାଇଁ ଅନୁମତି ମିଳୁନାହିଁ। କିନ୍ତୁ ଜିଲ୍ଲା ବାହାରର ଟ୍ରକକୁ ଏ ନେଇ ଅନୁମତି କିପରି ଦିଆଯାଉଛି ! ଏହି ଅଭିଯୋଗ କରି ୨ ଘଣ୍ଟା ମାର୍ଶାଘାଇ ଥାନା ଅନ୍ତର୍ଗତ ଜାତୀୟ ରାଜପଥର ବେଲାର ନୂଆଗାଁ ନିକଟରେ ଟ୍ରକଗୁଡିକୁ ଅଟକ ରଖାଯାଇଥିଲା। ଖବର ପାଇ ମାର୍ଶାଘାଇ ଥାନାଧିକାରୀ ପି.କେ. କାନୁନଗୋ, ପାଟକୁରା ଥାନାଧିକାରୀ ସରୋଜ ସାହୁ, ମହାକାଳପଡ଼ା ଥାନାଧିକାରୀ ମନୋରଞ୍ଜନ ଚୌଧୁରୀ, ମେରାଇନ୍ ଥାନାଧିକାରୀ ପରେଶ ଦାସଙ୍କ ସମେତ ଏକ ପ୍ଲାଟୁନ୍ ପୁଲିସ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚି ବଳ ପ୍ରୟୋଗ କରି ଅବରୋଧ ହଟାଇଥିଲେ। ଫଳରେ ପରିବହନ ସ୍ୱାଭାବିକ ହୋଇଥିଲା।

## ଯୋଗ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଫୁଲନଖରା (ପିଏନ୍)-ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ନଛିପୁର (ଗଙ୍ଗେଶ୍ୱର)ଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ସ୍ୱାମୀ ଆତ୍ମାନନ୍ଦ ସରସ୍ୱତୀଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ପଞ୍ଚଦିବସୀୟ ଯୋଗ କାର୍ଯ୍ୟକ୍ରମରେ ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ ଯୋଗଦେଇ ଯୋଗାଭ୍ୟାସର ଉପକାରିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିବା ସହିତ ବିଦ୍ୟାର୍ଥୀଙ୍କୁ ପ୍ରତ୍ୟହ ଯୋଗ ଅଭ୍ୟାସ କରିବାକୁ ପରାମର୍ଶ ଦେଇଥିଲେ। ଉଦ୍‌ଯାପନ ଦିବସରେ ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ଏସ.ଆର. ପାଣିଗ୍ରାହୀ ଯୋଗଦେଇ ଶରୀର ନିରୋଗ ରଖିବାକୁ ହେଲେ ଯୋଗର ଜରୁରୀ ଆବଶ୍ୟକତା ରହିଛି ବୋଲି ମତ ଦେବା ସଙ୍ଗେସଙ୍ଗେ ପିଲାମାନଙ୍କୁ ଏହାର ଉପଯୋଗିତା ବାବଦରେ ଅବଗତ କରାଇଥିଲେ। ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ଛାତ୍ରଛାତ୍ରୀ ଏବଂ ଅଭିଭାବକ ଉପସ୍ଥିତ ଥିଲେ।

# ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ସହରରେ ସଫେଇ କାମ ଠପ୍



କେନ୍ଦୁଝର (ପିଏନ୍): କେନ୍ଦୁଝରଗଡ ପୌରପାଳିକାରେ ସଫେଇ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ ଜାରି ରହିଛି। ଏଥିନେଇ ପୌରପାଳିକା, ଠିକାସଂସ୍ଥା ଓ ସଫେଇ କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସଫଳ ନହେବାରୁ ଆନ୍ଦୋଳନ ଜାରି ରହିଛି। ସହରରେ ସଫେଇ କାମ ବାଧାପ୍ରାପ୍ତ ହୋଇଛି। ଆନ୍ଦୋଳନ ଯୋଗୁଁ ଅନେକ ସ୍ଥାନରେ କୁଢ କୁଢ ଆବର୍ଜନା ପଡିରହିଛି। ଫଳରେ ଚାରିଆଡେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ବର୍ଷା ଦିନ ଥିବାରୁ ଡେଙ୍ଗୁ, ମ୍ୟାଲେରିଆ, ଡାଇରିଆ ଆଦି ବ୍ୟାପିବାର ଆଶଙ୍କା ରହିଛି। ପ୍ରତ୍ୟେକ ଦିନ ସହରର ରାସ୍ତାଘାଟ, ହୋଟେଲ, ଲଜ୍ ଓ ବଜାର ଅଞ୍ଚଳରୁ ପାଖାପାଖି ୧୫ ଟ୍ରିପ ଟ୍ରାକ୍ଟର ଅଳିଆ ଆବର୍ଜନା ବାହାରିଥାଏ। ସଫେଇ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁଁ ଅଳିଆ ଆବର୍ଜନା ଉଠିପାରୁନାହିଁ। ତୁରନ୍ତ ଏହାର କୌଣସି ସମାଧାନ ନ କଲେ ଠିକାସଂସ୍ଥାର ମନୋମୁଖୀ କାମ ତଥା ପୌର ପ୍ରଶାସନର ଠିକାସଂସ୍ଥା ପ୍ରୀତି ଯୋଗୁଁ ଦୀର୍ଘ ବହୁବର୍ଷ ଧରି କାମ



କରିଆସୁଥିବା ସଫେଇ କର୍ମଚାରୀଙ୍କ ସମସ୍ୟା ସୃଷ୍ଟି ହୋଇଛି। ତୁରନ୍ତ ସଫେଇ କର୍ମଚାରୀଙ୍କ ଦାବୀ ପ୍ରତି ଗୁରୁତ୍ୱ ଦେଇ ସମାଧାନ ନ କରାଗଲେ ସମସ୍ୟା ଅଧିକ ଜଟିଳ ହୋଇପଡିବ। ସୂଚନାଯୋଗ୍ୟ ଯେ, ଶତାଧିକ ସଫେଇ କର୍ମଚାରୀ ପୌରପାଳିକା ଅଫିସ ସମ୍ମୁଖରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ ଦାବୀ ତୁରନ୍ତ ସମାଧାନ ନ ହେଲେ ଆନ୍ଦୋଳନ ଜାରି ରହିବ ବୋଲି ସେମାନେ କହିଛନ୍ତି। ଅନେକ ସଫେଇ କର୍ମଚାରୀଙ୍କୁ ବାହାର କରିଦେବାକୁ ଉଦ୍ୟମ ହେଉଥିବାରୁ ସଫେଇ କର୍ମଚାରୀମାନେ ଏକଜୁଟ ହୋଇ ପ୍ରତିବାଦ କରୁଛନ୍ତି। ଦୀର୍ଘବର୍ଷ ଧରି ସଫେଇ କାମ କରି ପରିବାର ପ୍ରତିପୋଷଣ କରି ଆସୁଥିବା ସଫେଇ କର୍ମଚାରୀମାନେ ଏବେ କାମ ହରାଇବା ଆଶଙ୍କା କରିଛନ୍ତି। ପୌରାଞ୍ଚଳରେ ବର୍ତ୍ତମାନ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଦୋକାନବଜାର ବଢୁଥିବାରୁ ସଫେଇ ପାଇଁ ଅଧିକ କର୍ମଚାରୀଙ୍କର ଆବଶ୍ୟକତା ରହିଛି। ସଫେଇ କର୍ମଚାରୀମାନେ ଜିଲ୍ଲା ଶ୍ରମ ବିଭାଗକୁ ଯାଇ ଦାବୀପତ୍ର ପ୍ରଦାନ କରିଛନ୍ତି। ତେବେ ଶ୍ରମ ଆଇନ ଅନୁଯାୟୀ ଛଟେଇ କଲେ କୌଣସି କର୍ମଚାରୀଙ୍କୁ ସେମାନଙ୍କର ସମସ୍ତ ପ୍ରାପ୍ୟ ପଇଠ ହୋଇଛି କି ନାହିଁ ସେମାନଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରୀ, ପିଏଫ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଉପରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଶ୍ରମ ବିଭାଗ ଗ୍ରହଣ କରିବାକୁ ଦାବୀ ହୋଇଛି। ଏ ସଂପର୍କରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଶ୍ରମ ଅଧିକାରୀ ଭରତ ଚନ୍ଦ୍ର ଦାସଙ୍କୁ ଦାୟିତ୍ୱ ଦିଆଯାଇଛି। ତଦନ୍ତ ରିପୋର୍ଟ ମିଳିବା ପରେ ପଦକ୍ଷେପ ନିଆଯିବ।

## ବଜାରରେ ନକଲି ଡିଟରଜେଣ୍ଟ ନେଇ ଜନଅସନ୍ତୋଷ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ସହରର ବିଭିନ୍ନ ସ୍ଥାନରେ ବିକ୍ରି ହେଉଛି ନକଲି ଡିଟରଜେଣ୍ଟପାଉଡର। ଏହାକୁ ନେଇ ଗ୍ରାହକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। କେନ୍ଦ୍ରାପଡ଼ା ବ୍ଲକ ନିକଟରେ ଖଗେଶ୍ୱର ବେହେରା ନାମକ ଜନୈକ ବ୍ୟକ୍ତି ବ୍ଲକ ଛକରେ ଥିବା ଏକ ଦୋକାନରୁ ଏକ ନାମୀ କମ୍ପାନୀର ଡିଟରଜେଣ୍ଟ ପାଉଡର ପ୍ୟାକେଟ କିଣିଥିଲେ। ଏଥିରେ ବାସନ ସଫା କରିବା ବେଳେ ଜାଣିବାକୁ ପାଇଲେ ଯେ ଏହା ନକଲି ବ୍ରାଣ୍ଡର। ଅସଲି ବ୍ରାଣ୍ଡକୁ ନକଲ କରି ସେଥିରେ ନକଲି ଡିଟରଜେଣ୍ଟ ପୂରାଇ ବିକ୍ରି କରାଯାଉଛି। ଏ ନେଇ ସେ ସଂପୃକ୍ତ ଦୋକାନୀଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ ଦୋକାନୀ ଜଣକ କହିଥିଲେ ସେ ଏହାକୁ ଅମ୍ବର ମାର୍କେଟ୍‌ରେ ଥିବା ଏକ ହୋଲସେଲ ଦୋକାନରୁ କିଣିକି ଆଣି ଖୁଚୁରାରେ ବିକ୍ରି କରୁଛନ୍ତି। ତେଣୁ ତାଙ୍କର ଏଥିରେ କିଛି ଦୋଷ ନାହିଁ। ଏହାପରେ ବ୍ୟବସାୟୀ ଜଣକ ଯୋଗାଣ ବିଭାଗକୁ ଫୋନ କରି ଏହି ନକଲି ଜିନିଷ ସମ୍ପର୍କରେ ଯାଞ୍ଚ କରିବାକୁ ନିବେଦନ କରିଥିଲେ। କିନ୍ତୁ ଯୋଗାଣ ବିଭାଗ କହିଲା ଏହା ଆମ ବିଭାଗ ପରିସରଭୁକ୍ତ ନୁହେଁ। ଆମେ ଏହାର ଯାଞ୍ଚ କରିପାରିବୁ ନାହିଁ। ଯଦି ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ନକଲ କରାଯାଇଥା'ନ୍ତା ତାହାହେଲେ ଆମେ ଚଢାଉ କରିଥାନ୍ତୁ। ଏହ ପୋଲିସର ଦାୟିତ୍ୱ। ପୋଲିସ ଏହି ଘଟଣାର ତଦନ୍ତ କରିପାରିବ। ଏହାପରେ ବ୍ୟକ୍ତି ଜଣକ ଟାଉନ୍ ଥାନା ପୋଲିସକୁ ଜଣାଇଥିଲେ। ହେଲେ ଟାଉନ୍ ଥାନା ପୋଲିସ କହିଥିଲା ଆମେ କିପରି କହିବୁ ଏହା ଅସଲି କି ନକଲି। ଏ ନେଇ ଆମକୁ ଡିଟରଜେଣ୍ଟ ଏକ୍ସପର୍ଟଙ୍କୁ ଡାକିବାକୁ ପଡିବ। ଯାହା ସ୍ଥଳବିଶେଷରେ ସମ୍ଭବ ନୁହେଁ। ଉଭୟ ବିଭାଗରୁ ନିରାଶ ହେବା ପରେ ବ୍ୟକ୍ତି ଜଣକ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ଜଣାଇଥିଲେ। କେନ୍ଦ୍ରାପଡ଼ାରେ ଅନେକ ନକଲି ଜିନିଷ ବିକ୍ରି କରାଯାଉଛି। ହେଲେ ଏହାକୁ ଯାଞ୍ଚ କରାଯାଉ ନ ଥିବାରୁ ଗ୍ରାହକମାନେ ଠକାମୀର ଶିକାର ହେଉଛନ୍ତି। କଟକରେ ଯେଉଁ ଚଢାଉ ହେଉଥିଲା ସେ ସମୟରେ ଏକ୍ସପର୍ଟମାନେ ଉପସ୍ଥିତ ରହି ତାହାକୁ ନକଲି ବୋଲି ପ୍ରମାଣିତ କରୁଥିଲେ। ତେଣୁ ସେଠାରେ ନକଲି ସାମଗ୍ରୀ ଜବତ କରିବା ସମ୍ଭବ ହୋଇଥିଲା। କିନ୍ତୁ ଏଠାରେ ତାହା ଟିକେ କଠିନ କାର୍ଯ୍ୟ ହେବ। କାରଣ ସଂପୃକ୍ତ କମ୍ପାନୀ ଏକ୍ସପର୍ଟଙ୍କୁ ପଠାଇବାରେ ହେଳା କରିପାରେ। ତଥାପି ଆମେ ଏ ନେଇ ଚିନ୍ତା କରୁଛୁ। ଖୁବ୍‌ଶୀଘ୍ର ଚଢାଉ କରି ନକଲି ସାମଗ୍ରୀ ବଜାରରୁ ଜବତ କରିବୁ ବୋଲି ଟାଉନ ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୁଷ୍ଟି କହିଛନ୍ତି।

## ରାଇମୋହନଙ୍କ ବିୟୋଗରେ ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦର ଶୋକସଭା

ଖୋର୍ଦ୍ଧା (ପିଏନ୍): ଓଡ଼ିଶା ସିନେମା ଜଗତରେ ନବେରୁ ଅଧିକ ଚଳଚ୍ଚିତ୍ରରେ ଖଳନାୟକ ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କୁ ମୁଗ୍ଧ କରି ଆସିଥିବା ରାଇମୋହନ ପରିଡ଼ାଙ୍କ ବିୟୋଗରେ ଏକ ଶୋକସଭା ତ୍ରିନାଥ ଚରଣ କଳା ସାହିତ୍ୟ ସଂସଦ ପକ୍ଷରୁ ବିଜେବି ନଗର ଗାୟତ୍ରୀ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଆଇନ ମହାବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ସୁଧୀର କୁମାର ମାନସିଂହ, ନିତ୍ୟ ନୂତନ କଳା ସଂସଦର ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଗୋଟିପୁଅ ନୃତ୍ୟଗୁରୁ ହେମନ୍ତ କୁମାର ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ସାମନ୍ତରାୟ, ଡ. ବୃନ୍ଦାବନ ପଣ୍ଡା, କବି ନାରାୟଣ ଦାସ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ, କବି ଜ୍ୟୋତିପ୍ରଭା ପଟ୍ଟନାୟକ, ଗତିକୃଷ୍ଣ ଜେନା, ସ୍ମୃତିରଂଜନ ସାହୁ, ଯଯାତି ନାୟକ, ଜ୍ୟୋତିରଂଜନ ସାହୁ ପ୍ରମୁଖ ଯୋଗଦେଇ କହିଥିଲେ ଯେ, ସ୍ୱର୍ଗତଃ ରାଇମୋହନଙ୍କ ଅଭିନୟ ଅତ୍ୟନ୍ତ ଚିତାକର୍ଷକ ଥିଲା। ନିରୁତା ଓଡ଼ିଆଭାବ ତାଂକ ଅଭିନୟରେ ଭରିରହିଥିଲା। କେବଳ ଓଡ଼ିଆ ନୁହେଁ, ବଙ୍ଗଳା ଚଳଚ୍ଚିତ୍ରରେ ମଧ୍ୟ ରାଇମୋହନ ନିଖୁଣ ଖଳନାୟକର ଅଭିନୟ କରିଥିଲେ। ଯାତ୍ରାରେ ମଧ୍ୟ ସେ ପାରଦର୍ଶୀ ଅଭିନୟ କରିବା ସହ ନିର୍ଦ୍ଦେଶନା ବି ଦେଉଥିଲେ। ସମସ୍ତଂକ ସହ ସହଜରେ ମିଶିପାରୁଥିବା ଏହି ଅଭିନେତାଙ୍କ ବିୟୋଗ ଓଡ଼ିଶାର କଳା, ସଂସ୍କୃତି ଜଗତ ପାଇଁ ବିପୁଳ କ୍ଷତି ବୋଲି ଆଲୋଚକମାନେ ମତପ୍ରକାଶ କରିଥିଲେ। ସଂସଦର ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର

ଖୋର୍ଦ୍ଧା (ପିଏନ୍)- ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବଙ୍ଗିଦା ପଂଚାୟତର ରାଜୀବ ଗାନ୍ଧୀ ସେବା କେନ୍ଦ୍ର ପରିସରରେ ଓଡିଶା ମୋ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିନେଇ ଖୋର୍ଦ୍ଧା ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ରଙ୍କ ନେତୃତ୍ୱ ଓ ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ଦିଲ୍ଲୀପ ହୋତାଙ୍କ ସଂଯୋଜନାରେ ରକ୍ତଦାନ ଶିବିରରୁ ମୋଟ ୩୩ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଶରତ ପାଲଟାସିଂହ, ନିମାଇଁ ମହାରଣା, ପୂର୍ଣ୍ଣ ସାମନ୍ତରାୟ ଓ ସୁବାସ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ କାର୍ଯ୍ୟକ୍ରମର ସଂଯୋଜକ ଶ୍ରୀ ହୋତା ରକ୍ତଦାତାମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତ୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ୍ୟ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ୍ୟ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ । ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା
ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ । ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ ।

## ବିଭିନ୍ନ ସ୍ଥାନରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ



ବାସୁଦେବପୁର,(ପି.ଏନ): ବାସୁଦେବପୁର ରେ ଆମ ଓଡ଼ିଶା ନବୀନ ଓଡ଼ିଶା ପକ୍ଷ ରୁ ଆୟୋଜିତ ସଚେତନତା ଶିବିର ର ପୌର ପରିଷଦ ଓବିଭିନ୍ନ ପଞ୍ଚାୟତ ରେ ଅନୁଷ୍ଠିତ ହୋଇ ଯାଇଛି । ବାସୁଦେବପୁର ପଞ୍ଚାୟତ ସମିତି ଅଧୀନ ରେ ହେଉଥିବା ବିଭିନ୍ନ ପଞ୍ଚାୟତ ରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଯୋଗ ଦେଉଛନ୍ତି । ଏହି କ୍ରମ ରେ ବାଲିମୁଣ୍ଡା, ରାଜଘୋରପୋଖରୀ, ବାଲିମେଦ, ଲକ୍ଷ୍ମୀଦାସପୁର, ଶାଶୁ ଭୁଆସୁଣୀ, ଚୂଡ଼ାମଣି, କିସମତ କୃଷ୍ଣପୁର ଭଳି ପଞ୍ଚାୟତ ରେ ଅନୁଷ୍ଠିତ ହୋଇ ଯାଇଛି । ସେହିପରି ବାସୁଦେବପୁର ପୌର ପରିଷଦ ର ଯାଦବ ପଡିଆ ଠାରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ଓ ପୌର ଅଧକ୍ଷା ନିବେଦିତା ବେହେରା ଉପସ୍ଥିତ ରହି ଉଦ୍ ଘାଟନ କରିଥିଲେ । ଏହି ଅବସର ରେ ଜନ ସାଧାରଣ ଙ୍କ ସହ ଏସ ଏସ ଜି ସଦସ୍ୟ ମାନେ ଉପସ୍ଥିତ ରହି ସଫଳ କରାଉଛନ୍ତି । ସମସ୍ତ ସ୍ଥାନ ରେ ଭିତି ଭୂମିର ବିକାଶ ସହ ଅନ୍ୟ ବିଷୟ ମାନଙ୍କ ରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ଆଲୋଚ଼ନା ରଖିବା ସହ ନବୀନ ପଟ୍ଟନାୟକ ସରକାର ଙ୍କ ସଫଳ ଯୋଜନା, ଲୋକାଭିମୁଖୀ ଯୋଜନା ଉପରେ ଆଲୋଚ଼ନା ରଖୁଛନ୍ତି ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଳିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୁର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ୍ୟ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ୍ୟ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ୍ୟ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତ୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧ୍ୟାପକ, ଅଧ୍ୟାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଅଭିଯୋଗ ଆଧାରରେ ଅଧ୍ୟକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୁନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧ୍ୟକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧ୍ୟାପକ, ଅଧ୍ୟାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧ୍ୟାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଢ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଁଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧ୍ୟାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧ୍ୟକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧ୍ୟାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧ୍ୟକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧ୍ୟାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧ୍ୟକ୍ଷ ଓ ଅଧ୍ୟାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧ୍ୟରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

## ବନ୍ୟପ୍ରାଣୀ ଓ ଜଳଜୀବଙ୍କ ସୁରକ୍ଷା ଦାବିରେ କୁଜଙ୍ଗ ବନ ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଧାରଣା




ପାରାଦ୍ୱୀପ/କୁଜଙ୍ଗ,(ପି.ଏନ): ଜଙ୍ଗଲ, ବନ୍ୟ ପ୍ରାଣୀ ଓ ଜଳ ଜୀବ ମାନଙ୍କ ସୁରକ୍ଷା ଦାବିରେ ଜାତୀୟ କଂଗ୍ରେସ ଓ ବୀରବର ସାମନ୍ତ ଚ୍ୟାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜଗତସିଂହପୁର ଜିଲ୍ଲାର କୁଜଙ୍ଗ ବନାଞ୍ଚଳ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ଦିନ ବହୁପ୍ରତିକ୍ଷୀତ ଧାରଣା ଅନୁଷ୍ଠିତ ହୋଇଯାଇଛି କ୍ଷ କୁଜଙ୍ଗ-ଏରସମା ସମୁଦ୍ର ତଟବର୍ତ୍ତୀ ଅଞ୍ଚଳରେ ଥିବା ଜଙ୍ଗଲକୁ ବେଆଇନ ଭାବେ ନଷ୍ଟ ହେବା ଏବଂ ପ୍ରଦୂଷଣ ବୃଦ୍ଧି ଯୋଗୁଁ ବ୍ୟାପକ ଭାବେ ବନ୍ୟପ୍ରାଣୀ ଏବଂ ଜଳଜୀବମାନେ ମୃତ୍ୟୁ ମୁଖରେ ପଡି ଅକାଳରେ ଜୀବନ ହାରିବା ସହିତ ଅଞ୍ଚଳର ପ୍ରାକୃତିକ ପରିବେଶ ନଷ୍ଟ ହେବା ସହିତ ସାଧାରଣ ଜନତାଙ୍କ ଧନ ଜୀବନ ଉପରେ ବ୍ୟାପକ ପ୍ରଭାବ ପକାଇଛି । ବିରଳ ପ୍ରଜାତିର ଅଲିଭ ରିଡିଲେ କଇଁଛ, କାଉ, ହରିଣ, ଶାଳିଆପତନୀ,ବାରହା, କୋକିଶିଆଳି ପ୍ରଭୃତି ପ୍ରାଣୀମାନଙ୍କର ବ୍ୟାପକ ମଡକ ଦେଖାଦେଇଛି । ଅଞ୍ଚଳବାସୀ ପାରାଦ୍ୱୀପ ବନ୍ଦର ନିର୍ମାଣ ପାଇଁ ଜମି, ଜଙ୍ଗଲ ପ୍ରଭୃତି ତ୍ୟାଗ କରିଥିଲେ, ମାତ୍ର ସରକାର ଉକ୍ତ ଜଙ୍ଗଲ ଓ ଜମିରେ ବନ୍ଦର ବଦଳରେ ଶିଳ୍ପ କିଭଳି ସ୍ଥାପନ ହେଲା ବୋଲି ସରକାରଙ୍କୁ ଓଲଟା ପ୍ରଶ୍ନ କରିଛନ୍ତି ବୀରବର ସାମନ୍ତ ଟ୍ରଷ୍ଟର ଟ୍ରଷ୍ଟି ସୁଶାନ୍ତ ଶେଖର ସ୍ୱାଇଁ ।ସରକାର ପରିବେଶ ନଷ୍ଟକାରୀ ବୃହତ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ସାଧାରଣ ଜନତାଙ୍କୁ ମିଥ୍ୟା ମକଦମା ଲଗାଇ ନିରୀହ ବନ୍ୟପ୍ରାଣୀଙ୍କୁ ମାରିଚାଲିଛନ୍ତି କ୍ଷ ସେହିପରି କୁଜଙ୍ଗରେ ବନବିଭାଗର କାର୍ଯ୍ୟାଳୟ କାହା ସ୍ୱାର୍ଥରେ ବୋଲି କଂଗ୍ରେସ ନେତା ତଥା ରାଜ୍ୟ ସାମାଜିକ ଗଣମାଧ୍ୟମର ସାଧାରଣ ସମ୍ପାଦକ ପ୍ରିୟବ୍ରତ ନାୟକ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସିଂହପୁର ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ପ୍ରିୟମ୍ବଦା ପାଣି,ରାଜ କିଶୋର ନାଥ,କୈଳାଶ ଦାସ, ସୁରେନ୍ଦ୍ର ମହନ୍ତ, ସୁବାଷ ଦାସ, ରଞ୍ଜନ ମାଝୀ,ବିଶ୍ୱ ରଞ୍ଜନ,ମାନସ ସେଠୀ କୃଷ୍ଣ ଚନ୍ଦ୍ର ଦାଶ, କୈଳାଶ ରାଉତ ପ୍ରମୁଖ ସରକାରଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ।

## ସଚିବାଳୟ ସେବାସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ



ଭୁବନେଶ୍ୱର,(ପି.ଏନ): ସାଧାରଣ ବୈଠକର ନିଷ୍ପତ୍ତି ଅନୁଯାୟୀ ଆଜି ତା. ୧୩/୦୨/୨୦୨୪ ରିଖ ସକାଳ ୧୦ ଘଟିକା ବେଳକୁ ଓଡିଶା ସଚିବାଳୟ ସେବା ସଂଘର ସଦସ୍ୟମାନେ ପଞ୍ଚାୟତିରାଜ ବିଭାଗ ପଡିଆରେ ଏକତ୍ରୀତ ହେବା ଆରମ୍ଭ କରି ଦେଇଥିଲେ । କିଛିସମୟ ମଧ୍ୟରେ ପଡିଆ ସଂପୂର୍ଣ୍ଣ ଲୋକାରଣ୍ୟ ହୋଇଯାଇଥିଲା । ସମସ୍ତଙ୍କ ମନରେ ଏକ ନୂତନ ଉଦ୍ଦୀପନା ତଥା ଉତ୍ସାହ ପରିଲକ୍ଷିତ ହେଉଥିଲା । ସଂଘର ଡାକରାରେ ଅତିରିକ୍ତ ଶାସନ ସଚିବ ଠାରୁ ଆରମ୍ଭ କରି ସହକାରୀ ଉପବିଭାଗ ଅଧିକାରୀ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇଥିଲେ । ଏପରିକି ସଦ୍ୟ ନିଯୁକ୍ତି ପାଇଥିବା ସହକାରୀ ଉପବିଭାଗ ଅଧିକାରୀ ମାନେ ମଧ୍ୟ ସଂଘର କାର୍ଯ୍ୟପନ୍ଥାକୁ ଅନୁକରଣ କରିଥିଲେ । ଏଥିଯୋଗୁଁ ସରକାରୀ କାର୍ଯ୍ୟ ସଂପୂର୍ଣ୍ଣ ଠପ ହୋଇଯାଇଥିଲା । ଉକ୍ତ ଆନ୍ଦୋଳନ ସଂପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଥିଲା । ପ୍ରାରମ୍ଭରେ ସଂଘର ଉପସଭାପତି ଶ୍ରୀ ଅକ୍ଷୟ ପରିଡା ସମସ୍ତଙ୍କୁ ସ୍ୱାଗତ କରିଥିଲେ । ସମସ୍ତେ ଉତ୍ସାହୀ ତଥା ଆଶାବାଦୀ ଥିଲେ । ସମସ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷଙ୍କ ଡାକରାକୁ ଅପେକ୍ଷାରତ ଥିଲେ । ଏଠାରେ ଉଲ୍ଲେଖ କରାଯାଇପାରେ କି, ସଂଘର ଦୀର୍ଘ ଦିନର ନ୍ୟାଯ୍ୟ ଦାବିକୁ ସରକାରଙ୍କ ତରଫରୁ ଅଣଦେଖା କରାଯାଇଥିବାରୁ ସଂଘର ସାଧାରଣ ବୈଠକର ନିଷ୍ପତ୍ତିକ୍ରମେ ହେଉଥିବା ଏହି କଲମ ଛାଡ ଆନ୍ଦୋଳନକୁ ସମସ୍ତେ ସ୍ୱତଃପ୍ରବୃତ ଭାବେ ସହଯୋଗ କରିଥିଲେ । ସଂଘର ଦାବିକୁ ମାନ୍ୟବର ମୁଖ୍ୟମନ୍ତ୍ରୀ ଓ ୫ଟି ଅଧ୍ୟକ୍ଷ ହସ୍ତକ୍ଷେପ କରି ସମାଧାନ ନ କରିବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲୁ ରହିବ। ଅପରାହ୍ନ ୫ ଘଟିକା ୩୦ ମିନିଟ ସମୟରେ ସଂଘର ସାଧାରଣ ସମ୍ପାଦକ ଶ୍ରୀ ପ୍ରସନ୍ନ ବରାଳ ଉକ୍ତ ପଡିଆରେ ଉପସ୍ଥିତ ସମସ୍ତ ସଦସ୍ୟଙ୍କୁ ସଂଘ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଆସନ୍ତା କାଲି ସରକାରୀ ଛୁଟି ଥିବାରୁ ପୁନଶ୍ଚ ଆସନ୍ତା ତା. ୧୫/୦୨/୨୦୨୪ ରିଖ ସକାଳ ୧୦ ଘଟିକାଠାରୁ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଚାଲୁ ରହିବା ନେଇ ସ୍ପଷ୍ଟୋକ୍ତି ପ୍ରଦାନକରିଥିଲେ। ଏଥିସହ ଶ୍ରୀ ବରାଳ ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ୫ଟି ଅଧ୍ୟକ୍ଷଙ୍କ ହସ୍ତକ୍ଷେପ ଲୋଡିଛନ୍ତି ।

## ନବନିଯୁକ୍ତ ଆରକ୍ଷୀ ଅଧିକ୍ଷକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କାକଟପୁର,(ପି.ଏନ): ପୁରୀ ଜିଲ୍ଲା ଆରକ୍ଷ ଅଧିକ୍ଷକ ନୂତନ ଭାବେ ନିଯୁକ୍ତି ପାଇଥିବା ପିନାକ ମିଶ୍ର ଙ୍କ କାକଟପୁର ଥାନା ପରିଦର୍ଶନ କରିବା ଶହ ଅଞ୍ଚଳ ର ଆଇନି ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି, ଏଥି ଶହ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା ମଙ୍ଗଳା ଙ୍କୁ ଦର୍ଶନ ପୂଜାର୍ଚ୍ଚନା କରିବା ସହିତ ମନ୍ଦିର ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି ନୂତନ ଆରକ୍ଷୀ ଅଧିକ୍ଷକ ଶ୍ରୀ ମିଶ୍ର ଆଗାମୀ ନିର୍ବାଚନ ଙ୍କୁ କେଉଁପରିଭାବରେ ଶୃଙ୍ଖଳିତ ଭାବେ ପରିଚାଳନା କରାଯିବ ସେ ସମ୍ପର୍କରେ ଥାନା ଆଇ ଆଇ ଆଇ ସି ଉମେଶ ଚନ୍ଦ୍ର ସାହୁ, ଏସ ଆଇ ପ୍ରମୋଦ କୁମାର ସେଠୀ ଏବଂ ଥାନା ର ସମସ୍ତ କର୍ମଚାରୀ ଙ୍କ ସହିତ ବିଶେଷ ଆଲୋଚନା କରିଥିଲେ, ଆରକ୍ଷ ଅଧିକ୍ଷକ ଶ୍ରୀ ମିଶ୍ର ଙ୍କ ପ୍ରଥମ ପରିଦର୍ଶନ ରେ କାକଟପୁର ପ୍ରେସ କ୍ଲବ ର ସଭାପତି କମଳ ଲୋଚନ ଦୀକ୍ଷିତ, ଉପ ସଭାପତି ତୁଷାର ରଞ୍ଜନ ଦୀକ୍ଷିତ, ସମ୍ପାଦକ ଆଦିତ୍ୟ କୁମାର ରାଉତ, କୋଷାଧ୍ୟକ୍ଷ ଭାଗବତ ସ୍ୱାଇଁ ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ପଣ୍ଡା, ମାନସ କୁମାର ଦୀକ୍ଷିତ, ନୃସିଂହ ବେହେରା ପ୍ରମୁଖ ଥାନା ପରିସରରେ ତାଙ୍କୁ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।

## ଜରାଶ୍ରମ ରେ ନିଜର ଜନ୍ମଦିନ ପାଳିଲେ କୁନି ଝିଅ ଆଞ୍ଚଲ

ଦର୍ପଣ,(ପି ଏନ):ପାଶ୍ଚାତ୍ୟ ଶିକ୍ଷା ଓ ସଂସ୍କୃତି ତଥା ଆଧୁନିକତାର ଚ୍ୟାକ ଚ୍କ୍ୟ ପ୍ରଭାବରେ ଆମ ଓଡ଼ିଆ ସମାଜରୁ ହଜିଯାଉଥିବା ଆମ ପରମ୍ପରା, ସଂସ୍କୃତି କୁ ଉଜୀବିତ କରିବାରେ କୁନିଝିଅ ଆଞ୍ଚଳ ର ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି, ନଥିଲା ଭୋଜି ଭାତର ଆସର, ନଥିଲା ନାଚ୍ ଗୀତ ଓ ଡିଜେ ର ଉଚ୍ଚ୍‌ଚାଙ୍ଗ ସ୍ୱର, ନଥିଲା ମୂଲ୍ୟବାନ କେକ୍ କଟାର ଦୃଶ୍ୟ, ପୁଅ ବୋହୂ, ପରିବାର ଆତ୍ମୀୟ ସ୍ୱଜନ ଙ୍କ ଠାରୁ ଦୂରରେ ରହି ନିସଙ୍ଗ ଜୀବନ ବିତାଉଥିବାଜରାଶ୍ରମରେ ଶତାଧିକ ଅନ୍ତେବାସୀ ମାନଙ୍କ ଗହଣରେ ନିଜର ତୃତୀୟ ବାର୍ଷିକ ଜନ୍ମ ଦିବସ ପାଳନ କରିଥିଲା ଅନନ୍ୟା ମାହାଲା ଓ ମନୋଜ କୁମାର ରାଉତ ଙ୍କ ଏକମାତ୍ର କନ୍ୟା ଆଞ୍ଚଳ, ଅନ୍ତେବାସୀ ମାନଙ୍କୁ ତାର କୁନି ହାତରେ ସୁସ୍ୱାଦ ଖାଦ୍ୟ ଓ ନୂତନ ବସ୍ତ୍ର ଦେବା ସହିତ ସେମାନଙ୍କର ଆଶିର୍ବାଦ କାମନା କରିଥିଲା ଆଞ୍ଚଳ, ଏକ ଭାବବିହ୍ୱଳ ପରିବେଶ ମଧ୍ୟରେ ଅନ୍ତେବାସୀ ମାନେ କୁନିଝିଅ ଆଞ୍ଚଳ କୁ ଜୀବନରେ ଭଲ ମଣିଷ ହେବାକୁ ଆଶିର୍ବାଦ କରିଥିଲେ । ଆଞ୍ଚଳ ର ଅତାଦୃଶ କାର୍ଯ୍ୟକୁ ସାଧାରଣରେ ପ୍ରଂଶଂସା କରାଯାଇଛି।

## ରାଜ୍ୟ ରାଜକୋଷର ଅର୍ଥ ବିଜୁ ଜନତା ଦଳ ବା ନବୀନ ପଟ୍ଟନାୟକଙ୍କର ବ୍ୟକ୍ତିଗତ ପାଣ୍ଠି ନୁହେଁ:କଂଗ୍ରେସ




ଭୁବନେଶ୍ୱର, (ପି.ଏନ): ୨୪ ବର୍ଷର ନିରନ୍ତର ଶାସନ ବ୍ୟବସ୍ଥାରେ ରହିଲା ପରେ ମଧ୍ୟ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଓଡ଼ିଶା ଯୁବକ ଓ ଯୁବତୀମାନଙ୍କୁ ଆତ୍ମ ନିର୍ଭରଶୀଳ କରିବା ପାଇଁ କୌଣସି ଠୋସ ନିଷ୍ପତି ନେଇନାହାନ୍ତି। ରାଜ୍ୟର ଭବିଷ୍ୟତ ରାଜ୍ୟର ସବୁଠାରୁ ବଡ଼ବର୍ଗ ଯେଉଁମାନେ କି ୧୮ ରୁ ୪୦ ବର୍ଷ ଭିତରେ ସେମାନଙ୍କୁ ଦୀର୍ଘ ୨୪ ବର୍ଷ ଧରି ଅବହେଳିତ କରି ରଖାଯାଇଛି। ନିର୍ବାଚନ ପାଖେଇ ଆସିଲେ ନବୀନ ବାବୁଙ୍କର ଓଡ଼ିଶାର ଯୁବକ, ଯୁବତୀ, କୃଷକ ଏବଂ ଅନ୍ୟ ଅବହେଳିତ ନିଷ୍ପେସିତ ବର୍ଗଙ୍କ କଥା ମନେପଡ଼େ। ରାଜ୍ୟର ଶାସନ ବ୍ୟବସ୍ଥାକୁ ଠିକାରେ ଦେଇ ମୁଖ୍ୟମନ୍ତ୍ରୀ ରାଜ୍ୟର ଯୁବବର୍ଗ, କୃଷକଙ୍କୁ ଉପହାସ କରିଚାଲିଛନ୍ତି। ଆଜି ପ୍ରଦେଶ କଂଗ୍ରେସ କମିଟିର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀର ପ୍ରଦେଶ କଂଗ୍ରେସ କମିଟିର ବରିଷ୍ଠ ନେତା ତଥା ପୂର୍ବତନ ଅର୍ଥମନ୍ତ୍ରୀ ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଲେ ଯେ ଦୀର୍ଘ ୨୪ ବର୍ଷ ଭିତରେ ଓଡ଼ିଶାର ସ୍ଥିର ଓ ସ୍ଥାୟୀ ପ୍ରଗତି ପାଇଁ କୌଣସି ଠୋସ୍ କାର୍ଯ୍ୟକ୍ରମ ଗ୍ରହଣ କରିନାହାନ୍ତି। ଗତକାଲି ଓଡ଼ିଶା ସରକାରଙ୍କ କ୍ୟାବିନେଟ ୨୭ ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତି ଉପରେ ପ୍ରସ୍ତାବ ପାରିତ ହୋଇଥିଲା, ତନ୍ମଧ୍ୟରୁ ସ୍ୱୟମ ଯୋଜନା ଅନ୍ୟତମ। ଏହି ଯୋଜନା ଅନୁସାରେ ଓଡ଼ିଶାର ଯୁବକ ଓ ଯୁବତୀ ସ୍ୱାବଲମ୍ବୀ ହୋଇ ରୋଜଗାର ପାଇଁ ୧ ଲକ୍ଷ ଟଙ୍କା ବ୍ୟାଙ୍କ ମାଧ୍ୟମରେ ଋଣ ଆକାରରେ ମିଳିବ ବୋଲି ଘୋଷଣା କରାଗଲା। ଏହି ଋଣକୁ ୪ ବର୍ଷ ଭିତରେ ବିନା ସୁଧରେ ଫେରସ୍ତ କରାଯିବ। ୧ ଲକ୍ଷ ଟଙ୍କାରେ ଚ଼ ଓ ପକୋଡ଼ି ଦୋକାନ ଛଡ଼ା ଅନ୍ୟ କ'ଣ ବ୍ୟବସାୟୀ ଆରମ୍ଭ ହୋଇପାରିବ। ରାଜ୍ୟରେ ଶିକ୍ଷିତ ଯୁବକ ଓ ଯୁବତୀମାନଙ୍କୁ ସ୍ଥାୟୀ ନିଯୁକ୍ତି ଏବଂ ନିଶ୍ଚିତ ନିଯୁକ୍ତି ଦେବା ପରିବର୍ତ୍ତେ ଶିକ୍ଷିତ ଯୁବକ ଯୁବତୀଙ୍କୁ ଚ଼ ପକୋଡ଼ି କହିବା ଏ ରାଜ୍ୟ ସରକାରଙ୍କର ଦେବାଳିଆ ପଣ ଏକ ବଡ଼ ପ୍ରମାଣ। ଓଡ଼ିଶା ସରକାର ପ୍ରତିବର୍ଷ ୨ ଲକ୍ଷ ଚାକିରୀ ସୃଷ୍ଟି କରିବା ପାଇଁ ଓଡ଼ିଶାରେ ଯୁବବର୍ଗଙ୍କୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ୧୦ ବର୍ଷ ପରେ ସେ ପ୍ରତିଶ୍ରୁତି ପାଣିକୁ ଗଲା ଏବଂ ସେମାନଙ୍କୁ ଚ଼ ଓ ପକୋଡ଼ି ଦୋକାନ କରିବା ପାଇଁ ବାଧ୍ୟ କରାଯାଉଛି। ଏହାଦ୍ୱାରା ରାଜ୍ୟର କି ବିକାଶ ହେବ। ଏଗୁଡ଼ିକ ନିର୍ବାଚନ ପୂର୍ବରୁ ଯୁବବର୍ଗଙ୍କ ଭୋଟକୁ ହାତେଇବା ପାଇଁ ଆଉ ଏକ ଲଲିପପ୍। ସବୁଠାରୁ ଦୁଃଖ ଓ ନୈରାଶର କଥା ଯେ ରାଜ୍ୟରେ ୨ ଲକ୍ଷ ୩୬ ହଜାରରୁ ଅଧିକ ପଦବୀ ଦୀର୍ଘ ବର୍ଷ ଧରି ପଡ଼ିରହିଛି। କିନ୍ତୁ ଏ ସବୁକୁ ପୂରଣ କାହିଁକି କରାଯାଉନାହିଁ ? ଏହାର ଉତର ମୁଖ୍ୟମନ୍ତ୍ରୀ ରଖନ୍ତୁ? ରାଜ୍ୟର ଭବିଷ୍ୟତ ଯୁବବର୍ଗଙ୍କ ହାତରେ। ଯଦି ଯୁବବର୍ଗ ହତାଶ, ଦିଶାହିନ ଏବଂ ଘନ ଅନ୍ଧାକାର ଭିତରେ ନିଜର ଭବିଷ୍ୟତକୁ ଖୋଜୁଥିଲାବେଳେ ନବୀନ ପଟ୍ଟନାୟକ ସରକାର ୧ ଲକ୍ଷ ଟଙ୍କା ଯୋଜନା ରାଜ୍ୟର କେଉଁ ପରିସ୍ଥିତିକୁ ପରିବର୍ତ୍ତନ କରିବ। ୨୪ ବର୍ଷ ଭିତରେ ରାଜ୍ୟର ଗୋଟିଏ ବୋଲି କୃଷିଭିତିକ ଶିଳ୍ପ ଏ ସରକାର କରିନାହାନ୍ତି। ଚଣ୍ଡିଖୋଲର ଯେଉଁ ଝୋଟ ଶିଳ୍ପଟି କଂଗ୍ରେସ ସରକାର ସମୟରେ ଚାଲିଥିଲା ତାକୁ ଏ ସରକାର ବନ୍ଦ କରିଦେଲେ କିନ୍ତୁ ଏବେ ରାଜ୍ୟର ଖାଦ୍ୟ ସୁରକ୍ଷା ଯୋଜନାର ୯୫ ଲକ୍ଷ ୯୦ ହଜାର ଉପଭୋକ୍ତାଙ୍କୁ ୧ ହଜାର ଟଙ୍କା ଲେଖାଏଁ ଏବଂ ଦୁଇଟି ବ୍ୟାଗ ଦିଆଯାଉଛି। ଏହାଦ୍ୱାରା ରାଜ୍ୟର ୨୭୮.୮୫ କୋଟି ଟଙ୍କା ରାଜ୍ୟ ରାଜକୋଷରୁ ବିଜୁ ଜନତା ଦଳର ପ୍ରଚାର ଓ ପ୍ରସାର ପାଇଁ ଖର୍ଚ୍ଚ କରାଯାଉଛି। ବ୍ୟାଗରେ ୫ଟିର ଚିହ୍ନ ଏବଂ ଶଙ୍ଖ ଚିହ୍ନକୁ ସ୍ଥାନିତ କରିବା ପାଇଁ ରାଜ୍ୟର ଖଟିକିଆ ଗରୀବଙ୍କ ପଇସାକୁ ବିର୍ନବୟ କରାଯାଉଛି। ପ୍ରଦେଶ କଂଗ୍ରେସ କମିଟି ମୁଖପାତ୍ର ରଜନୀ ମହାନ୍ତି ସାମ୍ବାଦିକ ମାନଙ୍କୁ ସମ୍ବୋଧିତ କରି କହିଲେ ଯେ ନିର୍ବାଚନ ଆସିଗଲେ ବିଜୁ ଜନତା ଦଳ ଏବଂ ବିଶେଷ କରି ନବୀନ ବାବୁ ରାଜ୍ୟର ଗରୀବ ଲୋକଙ୍କ ଅର୍ଥକୁ ତୁଷାରପାତ କରି ବିଭିନ୍ନ ଅର୍ଥହୀନ ଯୋଜନାକୁ ପ୍ରଣୟନ କରି ରାଜନୈତିକ ଫାଇଦା ହାସଲ କରି ବର୍ଷ ବର୍ଷ ଧରି କାର୍ଯ୍ୟ କରୁଛନ୍ତି। ଓଡ଼ିଶାର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତିଳେମାତ୍ର ନିଷ୍ଠା ନାହିଁ। ୨୦୧୪ ରୁ ଆଜିପର୍ଯ୍ୟନ୍ତ ୨୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିବା କଥା। କିନ୍ତୁ ୧୦ ବର୍ଷ ଭିତରେ ୨ ଲକ୍ଷ ନିଯୁକ୍ତି ଦେଇଛନ୍ତି କି ? ଏହାର ଏକ ଶ୍ୱେତପତ୍ର ପ୍ରକାଶ କରନ୍ତୁ। ୨୦୧୯ ସାଧାରଣ ନିର୍ବାଚନରେ ବିଜୁ ଯୁବ ବାହିନୀ କରାଗଲା। କିନ୍ତୁ ଗୋଟିଏ ବର୍ଷ ପରେ ବିଜୁ ଯୁବ ବାହିନୀ ଦେଖାମିଳିଲା ନାହିଁ। ଏ ଅର୍ଥରାଶି ରାଜନୈତିକ ଫାଇଦା ପାଇଁ କରାଯାଇଥିଲା। ଏପରିକି କୋଭିଡ୍ ସମୟରେ ଏ ବିଜୁ ଯୁବ ବାହିନୀ ସଦସ୍ୟେ ଦେଖାଦେଲେ ନାହିଁ। କିନ୍ତୁ ରାଜ୍ୟ ରାଜକୋଷରୁ ୪୫୦ କୋଟି ଟଙ୍କା ଗଲା। ଏହା କ'ଣ ନବୀନ ପଟ୍ଟନାୟକଙ୍କ ପୈତୃକ ପାଣ୍ଠି କି ? କାଳିଆ ଯୋଜନା ୨୦୧୯ ପୂର୍ବରୁ ଘୋଷଣା କରାଗଲା ଏବଂ ରାଜ୍ୟର କୃଷକ ଏବଂ କୃଷି ଶ୍ରମିକଙ୍କୁ ପ୍ରତିଶ୍ରୁତି ଦେଲେ ଯେ ଏହା ଦ୍ୱାରା ତାଙ୍କର ଆର୍ଥିକ ବିକାଶ ହେବ। କିନ୍ତୁ ୧୦ ବର୍ଷ ଭିତରେ କୃଷକଙ୍କ ଆୟ ୩ ଟଙ୍କା ବୃଦ୍ଧି ପାଇନାହିଁ। ଏହାର ଉତର କୃଷିମନ୍ତ୍ରୀ ରଖନ୍ତୁ। ରାଜ୍ୟରେ ତ ଝୋଟ ଶିଳ୍ପ ନାହିଁ। ୨୭୮.୮୫ କୋଟି କାହିଁକି ବ୍ୟାଗ ଆଣିବା ପାଇଁ ଖର୍ଚ୍ଚ କରାଯାଉଛି। ଓଡ଼ିଶାରେ ଗରୀବ ଲୋକଙ୍କ ପଇସା ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ନିଯୁକ୍ତି ପାଇଁ ଖର୍ଚ୍ଚ କରାଯାଇପାରିଥାନ୍ତା କିନ୍ତୁ ଏହା କରାଗଲା ନାହିଁ। କେଉଁ କମ୍ପାନୀରୁ ଏ ବ୍ୟାଗ୍ ସବୁ କିଣାଯିବ ଏବଂ ଏଥିରେ କେତେ ଟଙ୍କା ଚାନ୍ଦା ଆଦାୟ ହେବ, ଏହାର ଉତର ରଖନ୍ତୁ। ଏହା ହେଉଛି ନବୀନ ବାବୁଙ୍କ ଓଡ଼ିଶାର ଯୁବକ, କୃଷକଙ୍କୁ ଭଲ ପାଇବାର ଉଦହାରଣ।


ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)
FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES for Std I to Std V Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli, Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act





Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray